Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୧୭
Volum. - 21 ■ Issue No.- 17
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
କୋଶଳ ପ୍ରବାହ
www.koshalaprabaha.com

R.N.I.No.: ODIODI/2000/03637 / ୦୭ ମାର୍ଚ୍ଚ - ୧୩ ମାର୍ଚ୍ଚ ୨୦୨୧ / 07 Mar - 13 Mar 2021 / Odia Weekly / 8 Pages / Rs.2/- only

# ମାର୍ଚ୍ଚ ୯ ତାରିଖରେ ଭାରତ ଓ ବାଂଲାଦେଶ ମଧ୍ୟରେ 'ମୈତ୍ରୀ ସେତୁ'ର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୯, ୨୦୨୧ ମଧ୍ୟାହ୍ନ ୧୨ରେ ଭିଡିଓ କନଫରେନ୍ସିଂ ଜରିଆରେ ଭାରତ ଓ ବାଂଲାଦେଶ ମଧ୍ୟରେ 'ମୈତ୍ରୀ ସେତୁ'ର ଉଦଘାଟନ କରିବେ । ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ମଧ୍ୟ ତ୍ରିପୁରାର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କରିବା ସହିତ କେତେକ ପ୍ରକଳ୍ପର ଶିଳାନ୍ୟାସ କରିବେ ।



ଏହି 'ମୈତ୍ରୀ ସେତୁ' ଭାରତୀୟ ରାଜ୍ୟ ତ୍ରିପୁରା ଏବଂ ବାଂଲାଦେଶର ସୀମା ଦେଇ ପ୍ରବାହିତ ହୋଇଥିବା ଫେନି ନଦୀ ଉପରେ ନିର୍ମିତ ହୋଇଛି । ଭାରତ ଓ ବାଂଲାଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଦ୍ୱିପାକ୍ଷିକ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଆଧାରରେ ଏହି 'ମୈତ୍ରୀ ସେତୁ'ର ନାମକରଣ କରାଯାଇଛି । ୧୩୩ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟରେ ଜାତୀୟ ରାଜପଥ ଓ ଭିତ୍ତିଭୂମି ବିକାଶ ନିଗମ ଦ୍ୱାରା ହାତକୁ ନିଆଯାଇଥିଲା । ୧.୯ କିମି ଲମ୍ବ ସେତୁ ଭାରତର ସବ୍ରୁମ ସହିତ ବାଂଲାଦେଶର ରାମଗଡକୁ ଯୋଡୁଛି । ଏହା ଭାରତ ଓ ବାଂଲାଦେଶ ମଧ୍ୟରେ ବାଣିଜ୍ୟ ଓ ଜନସମ୍ପର୍କ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଆରମ୍ଭ କରିବ । ଏହାର ଉଦଘାଟନ ସହିତ, ତ୍ରିପୁରା ଉତ୍ତର ପୂର୍ବାଂଚଳର ନୂତନ ପ୍ରବେଶଦ୍ୱାର ହୋଇପାରିବ । ଏହା ବାଂଲାଦେଶର ଚିଟ୍ଟାଗଙ୍ଗ ବନ୍ଦର ସହିତ ସିଧାସଳଖ ଯୋଡି ହେବ ଯାହାକି ସବ୍ରୁମ ଠାରୁ ମାତ୍ର ୮୦ କିଲୋମିଟର ।

ସବ୍ରୁମ ଠାରେ ପ୍ରଧାନମନ୍ତ୍ରୀ ମଧ୍ୟ ଏକ ସମନ୍ୱିତ ଚେକ ପୋଷ୍ଟ ପାଇଁ ଶିଳାନ୍ୟାସ କରିବେ । ଏହା ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ଯାତ୍ରୀ ପରିବହନକୁ ସହଜ କରିବ, ଉତ୍ତର ପୂର୍ବାଂଚଳ ରାଜ୍ୟଗୁଡିକ ପାଇଁ ନୂଆ ବଜାର ସୁଯୋଗ ସୃଷ୍ଟି କରିବ ଏବଂ ବାଂଲାଦେଶ ଓ ଭାରତ ମଧ୍ୟରେ ବାଧାମୁକ୍ତ ଯାତ୍ରୀ ପରିବହନ ସୁନିଶ୍ଚିତ ହୋଇପାରିବ । ଏହି ପ୍ରକଳ୍ପ ୨୩୨ କୋଟି ଟଙ୍କା ବ୍ୟୟରେ ଭାରତୀୟ ଭୂମି ବନ୍ଦର ପ୍ରାଧିକରଣ ଦ୍ୱାରା ନିର୍ମାଣ କରାଯାଇଛି ।

କୈଳାସହାର ଠାରେ ଥିବା ଉନାକୋଟି ଜିଲ୍ଲା ମୁଖ୍ୟାଳୟ ସହିତ ଖୋଓ୍ୱାଇ ଜିଲ୍ଲା ମୁଖ୍ୟାଳୟକୁ ଯୋଡିବାକୁ ଥିବା ୨୦୮ ନମ୍ବର ଜାତୀୟ ରାଜପଥ ପାଇଁ ପ୍ରଧାନମନ୍ତ୍ରୀ ମଧ୍ୟ ଶିଳାନ୍ୟାସ କରିବେ । ଏହା ୪୪ ନମ୍ବର ଜାତୀୟ ରାଜପଥ ପାଇଁ ଏକ ବିକଳ୍ପ ମାର୍ଗ ଯୋଗାଇବ । ୧୦୭୮ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟ ସହିତ ୮୦ କିମି ଲମ୍ବ ଏନ୍‌ଏଚ୍ ୨୦୮ ପ୍ରକଳ୍ପକୁ ଜାତୀୟ ରାଜପଥ ଓ ଭିତ୍ତିଭୂମି ବିକାଶ ନିଗମ ଲିଃ ନିର୍ମାଣ କରିବ ।

ଏହାଛଡା ପ୍ରଧାନମନ୍ତ୍ରୀ ମଧ୍ୟ ୬୩.୭୫ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ରାଜ୍ୟ ରାଜପଥ ଏବଂ ଅନ୍ୟ ଜିଲ୍ଲା ସଡକଗୁଡିକୁ ଉଦଘାଟନ କରିବେ । ଏଗୁଡିକ ତ୍ରିପୁରାର ଲୋକମାନଙ୍କୁ ସବୁଦିନିଆ ସଡକ ଯୋଗାଯୋଗ ସୁବିଧା ଦେବ ।

ପ୍ରଧାନମନ୍ତ୍ରୀ ମଧ୍ୟ ୮୧୩ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ନିର୍ମାଣ ଶେଷ ହୋଇସାରିଥିବା ୪୦୯୭୮ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ) ବାସଗୃହର ଉଦଘାଟନ କରିବେ । ସେ ମଧ୍ୟ ଅଗରତାଲା ସ୍ମାର୍ଟ ସିଟି ମିଶନ ଅଧୀନରେ ନିର୍ମିତ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ରର ଉଦଘାଟନ କରିବେ । ଆହୁରି, ପ୍ରଧାନମନ୍ତ୍ରୀ ମଧ୍ୟ ଓଲ୍ଡ ମୋଟର ଷ୍ଟାଣ୍ଡ ଠାରେ ବହୁତଳ କାର ପାର୍କିଂ ଓ ବାଣିଜ୍ୟିକ କମ୍ପ୍ଲେକ୍ସର ବିକାଶ ପାଇଁ ଶିଳାନ୍ୟାସ କରିବେ । ପାଖାପାଖି ୨୦୦ କୋଟି ଟଙ୍କା ବ୍ୟୟରେ ଏହା ବିକଶିତ କରାଯିବ । ଲିଚୁବାଗାନ ଠାରୁ ବିମାନବନ୍ଦର ଯାଇଥିବା ବର୍ତ୍ତମାନର ଦୁଇ ଲେନ ସଡକକୁ ଚାରି ଲେନକୁ ସମ୍ପ୍ରସାରିତ କରିବା ପ୍ରକଳ୍ପ ପାଇଁ ମଧ୍ୟ ସେ ଶିଳାନ୍ୟାସ କରିବେ । ଏହି ପ୍ରକଳ୍ପ କାର୍ଯ୍ୟ ୯୬ କୋଟି ଟଙ୍କା ବ୍ୟୟରେ ତ୍ରିପୁରା ସ୍ମାର୍ଟ ସିଟି ମିଶନ ପକ୍ଷରୁ କରାଯିବ ।

# ରାମ ମନ୍ଦିର ନିର୍ମାଣ ପାଇଁ ପାଣ୍ଠି ସଂଗ୍ରହ କ୍ଷେତ୍ରରେ ବିଶ୍ୱର ସର୍ବବୃହତ ଅଭିଯାନ



ଅଯୋଧ୍ୟା : ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ କହିଛନ୍ତି ଯେ, ରାମ ମନ୍ଦିର ନିର୍ମାଣ ପାଇଁ ପାଣ୍ଠି ସଂଗ୍ରହ ଅଭିଯାନ ବଶ୍ୱର ସର୍ବ ବୃହତ ପାଣ୍ଠି ସଂଗ୍ରହ ଅଭିଯାନରେ ପରିଣତ ହୋଇଛି । ତଥାପି ଲୋକମାନେ ଟ୍ରଷ୍ଟର ନୂତନ ଓ୍ୱେବସାଇଟ୍ ମାଧ୍ୟମରେ ଅନଲାଇନରେ ଦାନ କରିପାରିବେ । ଏଥିପାଇଁ ଔପଚାରିକତା ଚାଲିଥିବାରୁ ବିଦେଶୀ ଭକ୍ତମାନଙ୍କୁ ଟିକେ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ମନ୍ଦିର ନିର୍ମାଣ ପାଇଁ ମିଳିଥିବା ଦାନ ପରିମାଣ ଫେବୃଆରୀ ୪ ସୁଦ୍ଧା ବ୍ୟାଙ୍କ ରସିଦ ଆଧାରରେ ୨୫୦୦ କୋଟି ଟଙ୍କା ଅତିକ୍ରମ କରିଛି ।

ସେ କହିଛନ୍ତି, "ବିଶ୍ୱ ହିନ୍ଦୁ ପରିଷଦର ପ୍ରାୟ ୯ ଲକ୍ଷ ସଦସ୍ୟଙ୍କୁ ୧.୭୫ ଲକ୍ଷ ଦଳରେ ବିଭକ୍ତ କରାଯାଇ ଦେଶରେ ଦ୍ୱାରରୁ ଦ୍ୱାର ଦାନ ଅଭିଯାନ ଆରମ୍ଭ କରାଯାଇଥିଲା । ୩୮,୧୨୫ ସ୍ୱେଚ୍ଛାସେବୀ ବ୍ୟାଙ୍କରେ ପାଣ୍ଠି ସଂଗ୍ରହ ପାଇଁ କାର୍ଯ୍ୟ କରିଥିଲେ । ସ୍ୱଚ୍ଛତା ପାଇଁ ୪୯ ନିୟନ୍ତ୍ରଣ କକ୍ଷ ୨୪ ଘଂଟା ପାଇଁ ୨୩ ସ୍ୱେଚ୍ଛାସେବୀ ଏବଂ ଚାର୍ଟାର୍ଡ ଆକାଉଟାଣ୍ଟଙ୍କ ସହ କାମ କରିଥିଲେ । ହାଇଦ୍ରାବାଦ ଭିତ୍ତିକ ଧନୁଷା ଇନଫୋଟେକ୍ କମ୍ପାନୀ ଦ୍ୱାରା ନିର୍ମିତ ଏହି ଆପ୍ ଏହି କାର୍ଯ୍ୟରେ ସାହାଯ୍ୟ କରିଥିଲା ।

ସେ ଆହୁରି ମଧ୍ୟ କହିଛନ୍ତି, ପାଣ୍ଠି ସଂଗ୍ରହ ଅଭିଯାନର ଏକ ଅଡିଟ୍ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଶେଷ ହେବ । ଦେଶର ପ୍ରତ୍ୟେକ ପ୍ରାନ୍ତରୁ ଭକ୍ତମାନେ ସେମାନଙ୍କର ଅବଦାନ ରଖିଛନ୍ତି । ଉତ୍ତର-ପୂର୍ବ ବିଷୟରେ ଅରୁଣାଚଳ ପ୍ରଦେଶର ଲୋକମାନେ ୪.୫ କୋଟି ଟଙ୍କା ସଂଗ୍ରହ କରିଛନ୍ତି, ମଣିପୁରର ୨ କୋଟି ଟଙ୍କା, ମିଜୋରାମ ୦.୨ କୋଟି, ନାଗାଲାଣ୍ଡ ୦.୩ କୋଟି, ମେଘାଳୟ ୦.୯ କୋଟି ଟଙ୍କା ଯୋଗଦାନ କରିଛନ୍ତି । ତାମିଲନାଡୁର ଭକ୍ତମାନେ ୮୫ କୋଟି ଏବଂ କେରଳରୁ ୧୩ କୋଟି ଟଙ୍କା ଯୋଗଦାନ କରିଛନ୍ତି ।

## ୯ଦଫା ଦାବୀ ନେଇ ଅର୍କେଶ ସିଂଦେଓଙ୍କ ନେତୃତ୍ୱରେ ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ଘରୋଇ ବସ୍ ମାଲିକ ସଂଘ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିରରେ ବିଜେଡିର ଯୁବନେତା ଅର୍କେଶଙ୍କ ଡ୍ରିମ୍ ପ୍ରୋଜେକ୍ଟ ଅତ୍ୟାଧୁନିକ ବସ ଟର୍ମିନାଲ ଶେଷ ହେବାକୁ ଯାଉଛି । ବସ ଟର୍ମିନାଲ କାମ ଦୃତ ବେଗରେ ଆଗେଇ ଚାଲିଛି । ଖୁବ୍‌କମ ଦିନରେ ଏହା ଶେଷ ହୋଇ ଏଠାରେ ବଲାଙ୍ଗିରର ସମସ୍ତ ବସ ରହିବ । ତେବେ ଏଠାକୁ ବସଷ୍ଟାଣ୍ଡ ସ୍ଥାନାନ୍ତର ନେଇ କେତେକ ସମସ୍ୟା ରହିଛି । ସେହି ସବୁ ସମସ୍ୟା ଦୂର କରିବାକୁ ଅର୍କେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଭୁବନେଶ୍ୱରରେ ବଲାଙ୍ଗିର ଘରୋଇ ବସମାଲିକ ସଂଘର ଏକ ପ୍ରତିନିଧି ଦଳ ଭେଟିଛନ୍ତି । ଏହି ଅବସରରେ ୯ଦଫା ସମ୍ବଳିତ ଏକ ଦାବୀପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିବା ସହିତ ସମାଧାନ କରିବାକୁ ଆଲୋଚନା କରିଛନ୍ତି । ମନ୍ତ୍ରୀଙ୍କ ପାଖରେ ସଂଘ ଦାବୀ କରିଛି ଯେ, ବଲାଙ୍ଗିର ସହରର ଯେତେ ସ୍ଥାନରେ ବସ୍ ରହୁଛି ସେ ସବୁକୁ ନୂତନ ବସ ଟର୍ମିନାଲରେ ରଖାଯିବା, ବସ୍‌ଗୁଡ଼ିକ ପାଇଁ ଏକ ସ୍ଥିରୀକୃତ ବସଷ୍ଟାଣ୍ଡ ଫି ଘରୋଇ ବସ୍ ମାଲିକ ସଂଘ ସହିତ ଆଲୋଚନା କରାଯାଇ ସ୍ଥିର କରାଯିବା, ଟର୍ମିନାଲ ପରିସରରେ ଘରୋଇ ବସ ମାଲିକ ସଂଘର ଏକ ଉନ୍ନତ ସଂଘ କାର୍ଯ୍ୟାଳୟ ଦେବା, ଯାତ୍ରୀ ଓ ସମସ୍ତଙ୍କ ସୁରକ୍ଷା ପାଇଁ ଏକ ପୋଲିସ ଆଉଟ୍ ପୋଷ୍ଟ୍ ସ୍ଥାପନ କରିବା, ବସ୍ ମରାମତି, ସଫେଇ ବ୍ୟବସ୍ଥା ଓ ପ୍ରେସରର ସ୍ୱତନ୍ତ୍ର ବ୍ୟବସ୍ଥା କରାଇବା, ବର୍ତ୍ତମାନ ବସ୍‌ଷ୍ଟାଣ୍ଡରେ ଥିବା ଦୋକାନୀଙ୍କୁ ନୂତନ ଷ୍ଟାଣ୍ଡରେ ଥଇଥାନ କରାଯିବା, ବସ୍ ମାଲିକମାନଙ୍କୁ ତାଙ୍କର କାର୍ଯ୍ୟାଳୟ ପାଇଁ ଷ୍ଟଲ ଯୋଗାଇ ଦେବା, ଷ୍ଟାଣ୍ଡର ପରିଚାଳନା ଦାୟୀତ୍ୱ ଘରୋଇ ବସ ମାଲିକ ସଂଘକୁ ଦିଆଯିବା ଦାବୀ ରହିଛି । ଏହି ସବୁ ସୁବିଧା ସୁଯୋଗ ସହିତ ବସଷ୍ଟାଣ୍ଡକୁ ସିଫ୍ଟ କରାଗଲେ ଆଗାମୀଦିନରେ ପରିଚାଳନାଗତ ତୃଟି ଉପୁଜିବ ନାହିଁ ବୋଲି ସଂଘ ପକ୍ଷରୁ ଦାବୀ କରାଯାଇଛି । ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସହିତ ଆଲୋଚନା ସଫଳ ହୋଇଛି ଓ ତାଙ୍କ ନିର୍ଦ୍ଦେଶରେ ଆସନ୍ତା ଦିନରେ ରାଜ୍ୟ ପରିବହନ ନିଗମର ଅଧିକାରୀଙ୍କ ସହିତ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହେବ ବୋଲି ଘରୋଇ ବସମାଲିକ ସଂଘର ସଭାପତି ହେମନ୍ତ କୁମାର ପଣ୍ଡା କହିଛନ୍ତି । ଏହି ପ୍ରତିନିଧି ଦଳରେ ସଂଘର ସଭାପତି ହେମନ୍ତ କୁମାର ପଣ୍ଡା, ସଂପାଦକ ପ୍ରଦ୍ୟୁତ ମିଶ୍ର, ଭବାନୀ ପଟେଲ, ସଂଜୀବ ପଣ୍ଡା, ହିମାଂଶୁ ନାୟକ, ଡମ୍ବରୁଧର ଅଚାର୍ଯ୍ୟ, ଟିକେଶ୍ୱର ନନ୍ଦ, ଦେବଦତ୍ତ ବେହେରା ପ୍ରମୁଖ ରହିଥିଲେ ।

ପ୍ରକାଶ ଯୋଗ୍ୟ ଯେ, ଗତ ୨୦୧୬ ମସିହାରେ ବିଜେଡିର ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ନେତୃତ୍ୱରେ ଏକ ଟିମ ତତ୍‌କାଳୀନ ପରିବହନ ମନ୍ତ୍ରୀଙ୍କୁ ଭେଟି ବଲାଙ୍ଗୀରରେ ବସ୍‌ଟର୍ମିନାଲ ପାଇଁ ଦାବୀ କରାଯାଇଥିଲା । ଏହି ଦାବୀକୁ ଗ୍ରହଣ କରି ବସ୍ ଟର୍ମିନାଲ ଅନୁମୋଦନ ହୋଇଥିଲା । ସେତେବେଳର ରାଜ୍ୟସଭା ସାଂସଦ ଅନଙ୍ଗ ଉଦୟ ସିଂଦେଓ, ଲୋକସଭା ସାଂସଦ କଳିକେଶ ନାରାୟଣ ସିଂଦେଓ ଏବଂ ଘରୋଇ ବସ ମାଲିକ ସଂଘ ଜିଲ୍ଲାପାଳଙ୍କ ସହିତ ଆଲୋଚନା ପରେ ୨୦୧୭ ମସିହାରେ ଟର୍ମିନାଲ କାମ ଆରମ୍ଭ ହୋଇଥିଲା ।

## କରୋନାର ନୂଆ ପ୍ରକାରର ସଂକ୍ରମଣ ୟୁରୋପରେ ଦ୍ରୁତ ଗତିରେ ବ୍ୟାପୁଛି : ୧ ସପ୍ତାହରେ ୧୦ ଲକ୍ଷରୁ ଅଧିକ ସଂକ୍ରମିତ

ମିଲାନ୍ : ଇଟାଲିର ମିଲାନର ବୋଲେଟ୍ ସହରରେ ଥିବା ଏକ ନର୍ସରୀ ବିଦ୍ୟାଳୟରେ ଏବଂ ତା'ର ପ୍ରାଥମିକ ବିଦ୍ୟାଳୟରେ କରୋନା ଭୂତାଣୁ ଶୀଘ୍ର ଲୋକଙ୍କୁ ସଂକ୍ରମିତ ହୋଇଥିବା ନଜରକୁ ଆସିଛି । ଖବର ଅନୁଯାୟୀ, ଉଭୟ ବିଦ୍ୟାଳୟର ୪୫ ପିଲା ଏବଂ ୧୪ କର୍ମଚାରୀ କିଛି ଦିନ ମଧ୍ୟରେ ଏହି ଭୂତାଣୁ ସଂକ୍ରମିତ ହୋଇଥିଲେ । ଅଧିକାରୀମାନେ ସନ୍ଦେହ କରିଥିଲେ ଯେ, ବ୍ରିଟେନରେ ମିଳୁଥିବା କରୋନା ଭୂତାଣୁର ଅତି ମାରାତ୍ମକ ରୂପ ୪୦,୦୦୦ ଜନସଂଖ୍ୟା ବିଶିଷ୍ଟ ଏହି ସହରରେ ଲୋକଙ୍କୁ ଘେରି ରହିଥିଲା । ବର୍ତ୍ତମାନ ଜେନେଟିକ୍ ବିଶେଷଜ୍ଞମାନେ ଏହା ନିଶ୍ଚିତ କରିଛନ୍ତି । ଏହା ସ୍ପଷ୍ଟ ହୋଇଛି ଯେ,




ନୂଆ କରୋନା ଶୀଘ୍ର ସଂକ୍ରମିତ ହେବାରେ ଲାଗିଛି ।

ବୋଲେଟ୍ ମେୟର ଫ୍ରାନ୍ସିସ୍କୋ ଭାସେଲୋ କହିଛନ୍ତି, ଏହା ଦର୍ଶାଏ ଯେ ସହରରେ ଭାଇରସ୍ ଦ୍ରୁତ ଗତିରେ ବ୍ୟାପିଛି । ଏହାକୁ ରୋକିବା ପାଇଁ ଆମେ ସମସ୍ତ ପ୍ରକାର ଚେଷ୍ଟା କରିଛୁ । ଆମେ ଆଶା କରିଥିଲୁ ଯେ, ଏହି ପ୍ରୟାସଗୁଡ଼ିକ ଉପଯୋଗୀ ହେବ । କିନ୍ତୁ ଶେଷରେ ଏହା ଶୀଘ୍ର ସଂକ୍ରମିତ ହେଲା । ଉତ୍ତର ଇଟାଲିର ଲମ୍ବାର୍ଡି ଅଂଚଳ କରୋନା ଭୂତାଣୁର ତିନି ପ୍ରକାରର ବିସ୍ତାରର କେନ୍ଦ୍ର ପାଲଟିଛି । ଏହି କାରଣରୁ, ଏହି ଅଂଚଳକୁ ଆସିଥିବା ବୋଲେଟ୍ ସହରକୁ ପ୍ରଥମେ ସିଲ୍ କରାଯାଇଛି ।

# ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲିଖିତ ଓଡିଶା ଇତିହାସର ହିନ୍ଦୀ ସଂସ୍କରଣ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ




- ଉତ୍କଳ କେଶରୀଙ୍କ ମହାନ ଅବଦାନର ସ୍ମୃତିଚାରଣ କଲେ ପ୍ରଧାନମନ୍ତ୍ରୀ
- ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଅବଦାନ ପ୍ରତି ସମ୍ମାନ ପ୍ରଦର୍ଶନ କଲେ
- ଓଡିଶାର ଇତିହାସ  ସମଗ୍ର ଭାରତବର୍ଷର ଐତିହାସିକ ଶକ୍ତିକୁ ପ୍ରତିନିଧିତ୍ୱ କରେ

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲିଖିତ ଓଡିଶାର ଇତିହାସର ହିନ୍ଦୀ ଅନୁବାଦ ଓ ସଂସ୍କରଣକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉନ୍ମୋଚନ କରିଛନ୍ତି । ଓଡିଆ ଏବଂ ଇଂରାଜୀରେ ଉପଲବ୍ଧ ଏହି ପୁସ୍ତକକୁ ଶ୍ରୀ ଶଙ୍କରଲାଲ ପୁରୋହିତ ହିନ୍ଦୀରେ ଅନୁବାଦ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କଟକ ଲୋକସଭା ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ଏହି ଅବସରରେ ଉପସ୍ଥିତ ଥିଲେ ।

ଏଥିରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ଦେଢବର୍ଷ ତଳେ ଦେଶ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୦ତମ ଜନ୍ମବାର୍ଷିକୀ ପାଳନ କରିଥିଲା । ପ୍ରସିଦ୍ଧ ଓଡିଶା ଇତିହାସର ହିନ୍ଦୀ ସଂସ୍କରଣକୁ ଉତ୍ସର୍ଗ କରି ଓଡିଶାର ବିବିଧ ଓ ବିସ୍ତୃତ ଇତିହାସ ଦେଶବାସୀଙ୍କ ନିକଟରେ ପହଂଚିବା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଦେଶର ସ୍ୱାଧୀନତା ସଂଗ୍ରାମ ଓ ସାମାଜିକ ପରିବର୍ତ୍ତନରେ ଡକ୍ଟର ମହତାବଙ୍କ ଅବଦାନର ପ୍ରଧାନମନ୍ତ୍ରୀ ସ୍ମୃତିଚାରଣ କରିଥିଲେ । ଶ୍ରୀ ମୋଦୀ କହିଥିଲେ ଯେ ଯେଉଁ ଦଳରୁ ଡକ୍ଟର ମହତାବ ଦିନେ ମୁଖ୍ୟମନ୍ତ୍ରୀ ହୋଇଥିଲେ ତାହାକୁ ଜରୁରୀକାଳୀନ ପରିସ୍ଥିତିରେ ବିରୋଧ କରି ସେ କାରାବରଣ କରିଥିଲେ । ଉଭୟ ସ୍ୱାଧୀନତା ଓ ଦେଶର ଗଣତନ୍ତ୍ରକୁ ବଂଚାଇବାକୁ ସେ ଜେଲ ଯାଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଡକ୍ଟର ମହତାବଙ୍କ ଭାରତୀୟ କଂଗ୍ରେସ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ଓ ସେ ଓଡିଶାକୁ ଜାତୀୟସ୍ତର  ପର୍ଯ୍ୟନ୍ତ ନେଇ ଯାଇଥିଲେ । ତାଙ୍କର ଅବଦାନର ବିବରଣୀ ଓଡିଶା ସଂଗ୍ରହାଳୟ, ଅଭିଲେଖାଗାର ଓ ପ୍ରତ୍ନତତ୍ୱ ବିଭାଗରେ ରହିଛି ।


ପ୍ରଧାନମନ୍ତ୍ରୀ ଇତିହାସର ବ୍ୟାପକ ଅଧ୍ୟୟନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଇତିହାସ କେବଳ ଅତୀତର ଶିକ୍ଷାର ବିଷୟ ନୁହେଁ, ଏହା ଭବିଷ୍ୟତ ପାଇଁ ଦର୍ପଣ ସଦୃଶ ବୋଲି ସେ କରିଛନ୍ତି । ଦେଶ ଯେତେବେଳେ ଆମ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ଉଦ୍ଜୀବିତ କରି ଆଜାଦ କୀ ଅମୃତ ମହୋତ୍ସବ ପାଳନ କରୁଛି ସେତେବେଳେ ଦେଶ ଏହି ଭାବନା ଉପରେ ଆଲୋକପାତ କରୁଛି । ସ୍ୱାଧୀନତା ସଂଗ୍ରାମୀର ଅନେକ ବାସ୍ତବ ତଥ୍ୟ ଦେଶ ସମ୍ମୁଖରେ ସଠିକ୍‌ଭାବେ ଉପସ୍ଥାପିତ ହୋଇପାରି ନ ଥିବାରୁ ଶ୍ରୀ ମୋଦୀ ସେଥିନେଇ କ୍ଷୋଭ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ଭାରତୀୟ ପରମ୍ପରାରେ ଇତିହାସ କେବଳ ରାଜା ମହାରାଜ ଓ ନଅର ମଧରେ ସୀମାବଦ୍ଧ ହୋଇ ରହିନାହିଁ । ଇତିହାସ ହଜାର ହଜାର ବର୍ଷ ଧରି ଲୋକଙ୍କ ସହ ରହିଆସିଛି । ବିଭିନ୍ନ ରାଜବଂଶ ଓ ଉଆସକୁ ନେଇ ଇତିହାସ ରଚନା କରିବା ଏକ ବୈଦେଶିକ କଳ୍ପନା ପ୍ରସୂତ ବିଷୟ । ଆମେ ସେଭଳି ଲୋକ ନୋହୁଁ । ରାମାୟଣ ଓ ମହାଭାରତର ଉଦାହରଣଦେଇ ଶ୍ରୀ ମୋଦୀ ଅଧିକ ବର୍ଣ୍ଣନା ଲୋକମାନଙ୍କୁ ଆଧାରିତ କରି ହୋଇଛି ବୋଲି କହିଛନ୍ତି । ଆମ ଜୀବନରେ ସାଧାରଣ ବ୍ୟକ୍ତି ଆମର ଆଲୋଚନାର କେନ୍ଦ୍ରବିନ୍ଦୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପାଇକ ବିଦ୍‌ରୋହ, ଗଞ୍ଜାମ ମେଳିଠାରୁ ଆରମ୍ଭ କରି ସମ୍ବଲପୁର ବିଦ୍‌ରୋହ ପର୍ଯ୍ୟନ୍ତ ଓଡିଶା ମାଟି ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ରଖି ଦେଶକୁ ଏକ ନୂତନ ଶକ୍ତି ପ୍ରଦାନ କରିଥିଲା । ସମ୍ବଲପୁର ଆନ୍ଦୋଳନର ବୀର ସୁରେନ୍ଦ୍ର ସାଏ ଆମ ସମସ୍ତ ନିମନ୍ତେ ପ୍ରେରଣାର ଉତ୍ସ । ପଣ୍ଡିତ ଗୋପବନ୍ଧୁ, ଆଚାର୍ଯ୍ୟ ହରିହର ଓ ଡକ୍ଟର ହରେକୃଷ୍ଣ ମହତାବ ଭଳି ନେତାମାନଙ୍କ ବିଶେଷ ଅବଦାନର ଶ୍ରୀ ମୋଦି ସ୍ମୃତିଚାରଣ କରିଥିଲେ । ସେହିପରି ଶ୍ରୀ ମୋଦୀ ରମା ଦେବୀ, ମାଳତୀ ଦେବୀ, କୋକିଳା ଦେବୀ, ରାଣୀ ଭାଗ୍ୟବତୀଙ୍କ ଅବଦାନ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ନିଜର ଦେଶପ୍ରେମ ଓ ପରାକ୍ରମ ଯୋଗୁଁ ଇଂରେଜ ଶାସନକୁ ଅସ୍ତବ୍ୟସ୍ତ କରିଥିବା ଆଦିବାସୀମାନଙ୍କ ଅବଦାନର ମଧ ପ୍ରଧାନମନ୍ତ୍ରୀ ଅବତାରଣା କରିଥିଲେ । ଭାରତ ଛାଡ ଆନ୍ଦୋଳନର ମହାନ୍ ଆଦିବାସୀ ନେତା ଶହୀଦ ଲକ୍ଷ୍ମଣ ନାୟକଙ୍କ ମଧ ସେ ସ୍ମୃତିଚାରଣ କରିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଓଡିଶାର ଇତିହାସ ସମଗ୍ର ଭାରତବର୍ଷର ଇତିହାସ ଶକ୍ତିର ପ୍ରତିନିଧିତ୍ୱ କରେ । ଇତିହାସରେ ପ୍ରଦର୍ଶିତ ଶକ୍ତି ଆମର ବର୍ତ୍ତମାନ ଓ ଭବିଷ୍ୟତର ସମ୍ଭାବନା ସହ ସଂଶ୍ଳିଷ୍ଟ ଥିବାବେଳେ, ଆମ ପାଇଁ ପଥ ପ୍ରଦର୍ଶକର କାର୍ଯ୍ୟ କରିଥାଏ  ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ରାଜ୍ୟର ବିକାଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ବ୍ୟବସାୟ ଓ ଶିଳ୍ପ ନିମନ୍ତେ ଭିତିଭୂମି ହେଉଛି ସର୍ବପ୍ରଥମ ଆବଶ୍ୟକତା । ହଜାର ହଜାର କିଲୋମିଟର ଦୀର୍ଘ ଜାତୀୟ ଓ ଉପକୂଳ ରାଜପଥ ଓଡିଶାରେ ନିର୍ମିତ ହେଉଛି ଓ ଏହା ରାଜ୍ୟକୁ ଦେଶର ଅନ୍ୟାନ୍ୟ ପ୍ରାନ୍ତ ସହ ଯୋଡିବ । ଗତ ଛଅସାତବର୍ଷ ମଧରେ ରାଜ୍ୟର ଶହ ଶହ କିଲୋମିଟର ଦୀର୍ଘ ରେଳଲାଇନ ମଧ ବିଛା ହୋଇଛି । ଭିତ୍ତିଭୂମି ପରେ ଶିଳ୍ପ ଉପରେ ଧ୍ୟାନ କେନ୍ଦ୍ରୀତ ହେଉଛି । ସେଥିପାଇଁ ଶିଳ୍ପାନୁଷ୍ଠାନ ଓ କମ୍ପାନୀଗୁଡିକୁ ପ୍ରୋତ୍ସାହିତ କରାଯାଉଛି । ରାଜ୍ୟର ତୈଳ ଓ ଇସ୍ପାତ କ୍ଷେତ୍ରରେ ଥିବା ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖିବ ହଜାର ହଜାର କୋଟି ଟଙ୍କା ଏଥିରେ ବିନିଯୋଗ କରାଯାଉଛି । ସେହିପରି ନୀଳ ବିପ୍ଳବ ଜରିଆରେ ଓଡିଶାର ମତ୍ସ୍ୟଜୀବୀମାନଙ୍କ ଜୀବନ ମାନର ଉନ୍ନତି ପାଇଁ ଉଦ୍ୟମ ଅବ୍ୟାହତ ରହିଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ । ରାଜ୍ୟରେ ଯୁବଗୋଷ୍ଠୀର ସୁବିଧା ପାଇଁ ଆଇଆଇଟି, ଭୁବନେଶ୍ୱର, ଆଇଜର ବ୍ରହ୍ମପୁର, ଭାରତୀୟ କୌଶଳ ବିକାଶ ପ୍ରତିଷ୍ଠାନ ଓ ଆଇଆଇଏମ ସମ୍ବଲପୁରର ମୂଳଦୁଆ ସ୍ଥାପନ ହୋଇଛି ।

ଓଡିଶାର ଇତିହାସ ଓ ଏହାର ଉତ୍କର୍ଷକୁ ବିଶ୍ୱର ଚାରିଆଡେ ପହଂଚାଇବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । 'ଆଜାଦୀ କୀ ଅମୃତ' ମହୋତ୍ସବକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ସହ ଏହି ଅଭିଯାନରେ ସ୍ୱାଧୀନତା ସଂଗ୍ରାମ କାଳରେ ଯେଉଁ ଉନ୍ମାଦନା ଥିଲା ତାହା ଉଦ୍ଜୀବିତ କରିବ । ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି ।



## ସଂପାଦକୀୟ

### କରୋନା ସଂକ୍ରମଣର କ୍ଷୀପ୍ରତା

ଏବେ ଆମ ଦେଶରେ କରୋନା ସଂକ୍ରମଣର କ୍ଷୀପ୍ରତା ବେଶ୍ ପରିଲକ୍ଷିତ ହେଉଥିବା ବେଳେ ଏଥିପାଇଁ ଜନସାଧାରଣରେ ଆତଙ୍କ ସୃଷ୍ଟି ହୋଇଥିବା ମଧ୍ୟ ଅନୁମାନ କରାଯାଉଛି । କରୋନା ତାର ପ୍ରଥମ ଲହରୀରେ ଆମର କିଛି ଚିହ୍ନା ମୁହଁଙ୍କୁ ସାଉଁଟି ନେଇଥିଲା । ଏବେ ତାର ଦ୍ୱିତୀୟ ଲହରୀରେ ପୁଣି ଅନେକଙ୍କୁ ସାଉଁଟିବା ଆରମ୍ଭ କରିଛି । ଏଭଳି ପରିସ୍ଥିତିରେ ଭାରତର ପ୍ରତ୍ୟେକ ନାଗରିକଙ୍କ ଗୁରୁ ଦାୟିତ୍ୱ ରହିଛି, ନିଜକୁ ତଥା ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ । ଏ ଦିଗରେ ସମସ୍ତେ ଯତ୍ନବାନ ହେବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି ।

ବାରମ୍ବାର ହାତ ଧୋଇବା, ସାନିଟାଇଜର୍ ବ୍ୟବହାର କରିବା, ମୁହଁରେ ମାସ୍କ ଲଗେଇବା, ସାମାଜିକ ଦୂରତା ରକ୍ଷା କରିବା ତଥା ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଗାଇଡ୍ ଲାଇନ୍ ମାନି ଚଳିବା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ । ଦେଶର ଛତିଶଗଡ଼, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ କରୋନାର ସ୍ଥିତି ଅତ୍ୟନ୍ତ ଜଟିଳ ହୋଇ ପଡ଼ିଥିବା ବେଳେ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏହାର ତୀବ୍ରତା ପରିଲକ୍ଷିତ ହୋଇଛି ।

ସୂଚନାଯୋଗ୍ୟ ଯେ, ପ୍ରଥମ ଲହରୀରେ କରୋନା ଯେତେ ସଂକ୍ରାମକ ଥିଲା ତାଠାରୁ ଦ୍ୱିତୀୟ ଲହରୀରେ ଅଧିକ ସଂକ୍ରାମକ ଅନୁଭବ ହେଉଥିବା ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି । ପୁଣି ସଂକ୍ରମଣ ସଂଖ୍ୟା ବଢ଼ିବା ସହିତ ଦେଶରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । କେବଳ ସରକାରଙ୍କ ପାଇଁ ନୁହେଁ, ସାରା ଜନସମୁଦାୟଙ୍କ ପାଇଁ ଏକ ବିରାଟ ଚ୍ୟାଲେଂଜ ଆମ ସାମ୍ନାରେ ଏବେ ଦଣ୍ଡାୟମାନ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘ ୧ ବର୍ଷରୁ ଅଧିକ ସମୟ ହେଲା କରୋନା ସହ ଲଢୁଛି ବିଶ୍ୱ । ଏହି ପରିପ୍ରେକ୍ଷୀରେ ଭାରତ ମଧ୍ୟ ପଛରେ ନାହିଁ । ଓଡ଼ିଶାର ସ୍ଥିତି ମଧ୍ୟ ତଦ୍ରୂପ । ଏହି କରୋନା ସହ

CNC RISES TO NEW HEIGHTS
Toppers are Born Here

CNC College | CNC_College_BGR

CNC COLLEGE
Nice College of Commerce
Inspiring Lives

# କ୍ୟାରିଅର ସମ୍ପର୍କରେ କିଛି ଜାଣିବା କଥା




- କେବଳ ଡାକ୍ତର, ଇଂଜିନିୟର ଓ ପ୍ରଶାସକ ହିଁ ଦେଶର ଭବିଷ୍ୟତ ନୁହନ୍ତି
- ମାନସିକତାରେ ପରିବର୍ତ୍ତନ କରିବା ସମୟ ଉପନୀତ
- ଆଧୁନିକ ଯୁଗର କ୍ୟାରିଅର ଗତାନୁଗତିକତାରୁ ଊର୍ଦ୍ଧ୍ୱରେ ରହିଛି



## କଣ ପଢ଼ିବେ ?








## କେଉଁଠି ପଢ଼ିବେ ?










## Nice College of Commerce

Day Boarding/ Residential College for +2 & +3 Commerce, Circuit House Road, BALANGIR, visit us www.cnccollegebalangir.in 8895589784, 7790034136




କବି ସଂକୀର୍ତ୍ତନ ମହାଲିଙ୍ଗ ୧ ୯ ୭ ୪ ସାଲ୍ ଜୁନ୍ ମାସର୍ ୧ ୨ ତାରିଖ୍ ଦିନ’ ବାପା ଲିଙ୍ଗରାଜ ମହାଲିଙ୍ଗ ଆର୍ ମାଁ ପ୍ରତିମା ମହାଲିଙ୍ଗଙ୍କର୍ କୁଲେ ଜନମ୍ ହେଇଥିଲେ । ବଲାଙ୍ଗିର ଜିଲ୍ଲାର୍ ଲୋଇସିଂହା ବ୍ଲକ୍ ଅଧୀନ୍‌ର କୁଶ୍‌ମେଲ୍ ପାଖର୍ ଫଟାବାହାଲ୍ ଗାଁ ଥି ଜନମ୍ ହେଇଥିବାର ଇ’ କବି ଝନ୍‌କ ପେଶା ଥି ଶିକ୍ଷକ୍ ହେଲେ ବି ତାକର୍ ବଡ଼ା ଲହଁପନ୍ କବିତାର୍ ରାଏଜ୍ ଥି । ଓଡ଼ିଆ ଭାଷା ଥି ଆର୍ କୋଶ୍‌ଲି ଭାଷା ଥି ତାକର୍ ଗୁର୍‌ଦୁ କବିତା ଭିନେ ଭିନେ ପତ୍ରପତ୍ରିକା ଥି ବାହାରିଛେ । ପାଠକ୍‌ମାନ୍‌କୁ ସୁଆଦ୍ ଲାଗ୍‌ଲା ମେତାନ୍ କବିତା ଲେଖି କରି କବି ଶ୍ରୀ ମହାଲିଙ୍ଗ୍ ଖୋବ୍ ନାଁ ଅର୍‌ଜିଛନ୍ ପାଠକ୍ ସମାଜ୍ ଥି । ଆଘୋ ନୁଁ ପ୍ରକାଶ୍ ପାଇଥିବାର୍ କବିଙ୍କର୍ ‘ସ୍ମୃତି ମୁକୁତା’ କବିତା ସଂକଳନ, ‘କୁସୁମ’ ଶିଶୁ କବିତା ସଂକଳନ ତାଁକର କବି ପ୍ରତିଭାର୍ ପରିଚୟ ପ୍ରଦାନ୍ କର୍‌ବାର୍ ଥି ଗୁଟେ ଗୁଟେ ମାଇଲ୍‌ଖୁଁଟା ମେତାନ୍ ଲାଗ୍‌ସି । ଆମର୍ ସମାଜର୍ ଚାଲିଚଲନ୍, ଆଚର୍ ବେଭାର୍, ସଂସ୍କୃତି ପରମ୍ପରା ଥି ରହି ଯାଇଥିବାର କେଚ୍‌କେଚା ଦିଗ୍ କେ କବିଙ୍କର ବଡ଼ା ନିଘା । ତାକର୍ କଲମ୍ ନୁଁ ସମାଜ୍ କେ ସୁଧ୍‌ବାର୍ ଲାଗି ଗୁର୍‌ଦୁ ଟେ କବିତା ଅମ୍‌ରୁତ୍ ଝରିଛେ । ଆଗ୍‌କେ ଆର୍ ବି ଅଲ୍‌ବତ୍ ଝର୍‌ବା । ଇ’ ୨୬ ତାରିଖ୍ ରଏବାର୍ ଦିନ ତାକର୍ କୋଶ୍‌ଲି କବିତା ସଂକଳନ ‘ଦରପନ୍’ ପ୍ରକାଶ୍ ପାଇଛେ । ‘ଦରପନ୍’ କବିତା ସଂକଳନ୍‌ର କିଛି କବିତା କେ ନେଇ କରି ଆମେ ଇ’ ସଂଖ୍ୟା ଥି ଦେଇଛୁଁ । ପାଠକ୍‌ମାନ୍‌କେ ନିହାତି ସୁରୁତ୍ ଲାଗ୍‌ବା ବଲି ଆମର ବିଶ୍ୱାସ୍ ।

ଆର୍ ଗୁର୍‌ଦୁ ସମ୍ଭାବନା ରହିଛେ କବିଙ୍କର୍ ଭିତ୍‌ରେ । ଆମର୍ ଭାଷାର ନୁକୋ ନୁକୋ ଶବଦ୍ ମାନ୍‌କୁ ନେଇ କରି ସୁରୁତ୍ କବିତା ଲେଖ୍‌ବାର ଆର୍ ଭାବ୍‌ର ଆକାଶ୍ ଟେ ତିଆରି ଦେବାର ଲେଖେଁ ବଫୁ କବିଙ୍କର୍ ଭିତରେ ଠୁଅଁକେଇ ହେସି । ବଡ଼ା ଗହ ଗହ, ମହ ମହ ମନ୍ ଟେ ବି ଦେଇଛେ ମାହାପୁର । ସମ୍‌କୁ ପୁଟ୍‌ଲେଇ ପକାଲା ମେତାନ୍ ଭାବର୍ ମୁନୁଷ ସଂକୀର୍ତ୍ତନ । ସଁସାରର୍ ସବୁ ଦୁରୁଶ ଭିତରେ କବିତା ଟେ ଅହେଁରା ମାରି କରି ରହିଥିସି ବଲି ସେ ଭାବ୍‌ସନ୍ । ଇଟା କମ୍ ଟେ କଥା ନେଇଁସେ । ମା’ ବାଗ୍‌ଦେବୀର ଆଶୀର୍‌ବାଦ୍ ନେଇ ଜନମ୍ ହେଇଥିବାର ଇ’ କବିଙ୍କୁ ଆସୁନ୍ ତାଙ୍କର କବିତା ଭିତରେ ଟିକେ ଦେଖ୍‌ମା... ତାହାଁକୁ ଚିହ୍ନ୍‌ବାର୍ ଲାଗି ଉପେ କର୍‌ମା । ତାକର୍ ସବୁ କବିତା ଭିତ୍‌ରେ ରସ୍ ପୁର୍‌ତୁନ୍ ହେଇ ରହିଥିସି ନିହାତି ।

କବିଙ୍କର୍ ଠିକ୍‌ନା :

**ସଂକୀର୍ତ୍ତନ ମହାଲିଙ୍ଗ,**

ଫଟାବାହାଲ୍, କୁଶ୍‌ମେଲ୍, ଚନ୍ଦନଭାଟି, ବଲାଙ୍ଗିର-୭୬୭୦୬୫

## ରାବଣ୍ ପୁଡ଼ି

ଦଶ୍‌ରା ମାସର୍ ଦଶ୍‌ମୀ ଦିନେ
ଗାଁ ମୁଡ଼୍‌ସାର୍ ଗାଏ ଗୋଠ୍‌ନେ
ରାବଣ୍ ହେଇଛେ ଠିଆ
ତାହାକେ ପୁଡ଼ାବାର୍ ଲାଗି ଆଇଛେ
ସେ ଗାଁର୍ ଗଅଁତିଆ... ।୧ ।

ଲୋକ୍ ଗଦା ହେଲେ ଠାଟ୍ ପଟୁଆ
ଗଅଁତିଆ ବୁଢ଼ା ହେଲା ଠିଆ
ରାବଣ୍ ବଏଲା ରହ
ଠଅଁର’ ଟିକେ ଆଁକ୍‌ବ ମତେ
ଆଘୋ ଗୁଟେ କଥା କହ... ।୨ ।

ଝାର୍ ଭିତ୍‌ରେ ଲଖନ୍ ରାମ୍
କାଟ୍‌ଲେ ସୂର୍‌ପର୍ ନାକ୍ କାନ୍
ମୁଇଁ ସହେତିଁ କେନ୍ତାକରି
ହେତିର୍ ରିସେ ସିନେ ମୁଇଁ
ସୀତାକେ କଲି ଚୁରୀ.... ।୩ ।

କାଁ କରବ ନାଇଁନ’ ସୀତା
ନେହେଲେ ଇହାଦେ ଅମ୍‌ଜେଇ ଦେତାଁ
ଛିଁ ଥିଲି କାଏଁ ତାହାକେ
ଆଖାସାଖା ତାର୍ କିହେ ନିଥାଇ
ଡାକିଥିତା କାହାକେ..... ।୪ ।

ଶୁନିଛ କାଏଁ କେନ୍ ପୁରାନ୍ ପାଠେ
ଏକ୍‌ଲା ଦୁକ୍‌ଲା ବାଟେ ଘାଟେ
କେନ୍ ଟୁକେଲ୍‌କେ ଦେଖିକରି
ମୋର୍ ରାଏଜର୍ କେନ୍ ଅସୁର୍
କା’ର୍ ମହତ୍ ଦେଇଛେ ସାରି... ।୫ ।

ହେଲେ ତମେ ହେଇ ମୁନୁଷ୍ ଜନମ୍
କରୁଛ ଯେତେ ଅସୁର୍ କରମ୍
ତମେ ରାବଣ୍ ଝନେ ଝନେ
ତମର୍ ରାଇଜ୍ ନୁ ନିଥାଇ କାଏଁ
ମୋର୍ ରାଏଜ୍ ଟା ବନେ.... ।୬ ।

କ୍ଷେତେ ଖଲେ କି ଭଁଟେ ଟିକ୍‌ରେ
ରେଲେ ହଉ କି ବସ୍ ଭିତ୍‌ରେ
ଗୁର୍‌କେ ଜେନ୍‌ତା ଚାଁଟି
ମାହେଜି ଟୁକେଲ୍ ଦେଖିଦେଲେ ତାର୍
ଇଜତ୍ ନଉଛ ଲୁଟି... ।୭ ।

ଇସ୍‌କୁଲ୍ ପଢ଼ା ସୁରୁ ନନି
ସଁସାର୍ କାଣା ନିଥାଇ ଜାନି
ନାଇଁ ଛାଡ଼୍‌ଲ ତାହାକେ
ତମର୍ ଦିହେଁ ଟୁପେ ମାଛି
ଦେଖେଇ କହୁଛ କାହାକେ..... ।୮ ।

ଘର୍ ଢୁନ୍‌ଢୁନ୍ ବାହାରେ ଝୁଁଟି
ଚନ୍ଦନ୍ ତିଲକ୍ ତୁଲ୍‌ସି କଁଠି
ତମର୍ ମନ୍ ଭିତ୍‌ରେ ଚୋର୍
ହେ’ ଚୋର୍‌କେ ଆଘୋ ମାର’
ମୁଇଁ ଜଲିଯିମିଁ ମୋର୍ ମୋର୍.... ।୯ ।

## ଶିକାର୍ ନୁ ବି ଜହ ସୁଆଦ୍

ଲିମ୍ ଡାଲେ ଗୁଟେ ପଁଡ଼୍‌କା ଗୁଡ଼ା
ତହି ବସିଥିଲେ ବାଲୁତ୍ ଯୁଡ଼ା
ମାଁ ବୁଆ ଥିଲେ ପାଶେ
ଇତାର୍ ପଦେକେ ସେତାର୍ ପଦେ
ଗାଉଥିଲେ କେଡ଼େ ରସେ... ।୧ ।

ଆଏଲା ଝନେ ବନ୍ଧୁକ୍ ଧରି
ପଁଡ଼୍‌କା କେ ସୁତର୍ କରି
ମାରି ଦେଲା ଗୁଟେ ଗୁଲି
ଇଆଡୁ ସେ ଆଡ଼୍‌କେ ମାଁ ପଁଡ଼୍‌କାର୍
ଦୁହେ ଗୁଲି ଗଲା ଗଲି... ।୨ ।

ଫଡ଼୍‌ଫଡ଼ାଲା ଡେନା ହଲେଇ
ଜୀବନ୍ ଟିକ୍‌କ ଗଲା ପଲେଇ
ପଁଡ଼୍‌କା ପଡ଼୍‌ଲା ଝଡ଼ି
ପାଶର୍ ଗଛ୍‌କେ ବୁଆ ପଁଡ଼୍‌କା
ଡର୍‌ହେ ପଲାଲା ଉଡ଼ି... ।୩ ।

ଚିଁ ଚିଁ କରି କାନ୍ଦ୍‌ଲେ ଛୁଏ
ତାକର ଭାଷା ବୁଝ୍‌ବା କିଏ
ବୁଝ୍‌ବାର୍ ଲୋକ୍ ତ’ ମଲା
କାଏଁ ଦୋଷ୍ କଲେ ବାଲୁତ୍ କାଲୁ
ଦଏବି ଏତ୍‌କି କଲା... ।୪ ।

ଛଉଁଡ଼ ଛୁଆକର୍ କାନ୍ଦି ଦେଖି
ଲହ ବୁହିଗଲା ବୁଆର୍ ଆଁଖି
ବଏଲାରେ ମୁନୁଷ୍ ଧିକ୍
ଫୁଟେ ଶିକାର୍ ଲାଗି ଜୀବନ୍ ନେଲୁ
କଲୁ କାଏଁ ଇ’ଟା ଠିକ୍... ?୫ ।

ଚେରେ ଚିର୍‌ଗୁନ୍ ଗୁନ୍‌ଟା ଖରା
ନୁରି କୁଲ୍‌ଜି ଖାଏସୁଁ ଚରା
ବନ୍ଧୁକ୍‌ଟେ ତୁଇ ଧରି
ବହଙ୍ଗର୍ ବଲି ଦେଖେଇ ହେସୁ
ଦୁର୍‌ବଲ୍ କେ ମାରି... ।୬ ।

ସତେ ଯଦି ତୁଇ ବହଙ୍ଗର ଆଏ
ଦେଶର୍ ସୀମାକେ ଯାଆ ତ’ ଘାଏ
ହେନେ ଚଲାବୁ ଗୁଲି
ତାହେଁରୁ ଜାନ୍‌ମି ବାପର୍ ପୁଓ
ଦଶ୍‌ମସିଆ ବଲି... ।୭ ।

ନାଇଁନ’ ତୋର୍ ହେତ୍‌କି ଦମ୍
ଧିକ୍ ଧିକ୍ ତୋର୍ ମୁନୁଷ୍ ଜନମ୍
ଭାଙ୍ଗ୍‌ଲୁ ଆମର୍ ଯୁଲି
ନାଇଁ ଭାବ୍‌ଲୁ ବାଲୁତ୍ ଛୁଏ ମୋର୍
କେନ୍‌ତା କର୍‌ବେ ବଲି... ।୮ ।

ଛୁଏ ଗାଉଛନ୍ ମାଆଁର୍ ଗୁନ୍
କାନେ ନାଇଁ ଶୁନ୍ ହୁର୍‌ଦେ ଶୁନ୍
ଦେଖି ବିବେକର୍ ଆଁଖି
ଶିକାର୍ ନୁ ବି ଜହ ସୁଆଦ୍ ଆମର୍
ଭାବ୍ କେ ଥିତୁ ଚାଖି.... ।୯ ।

## ଜବାବ୍ ଦେ’ ଗୋ ମାଁ

ଆଏଲା ଦଶ୍‌ରା ବାଜ୍‌ଲା ଢ଼ୋଲ୍
ଦେହେରି ପୁଝାରୀ ହେଲେ ଠୋଲ୍
ଡାଲ୍ ତଲେ ବନ୍ଧା ବୁକା
ବୁକାର୍ ବେଁକେ ମନ୍ଦାର୍ ମାଲ୍
ଦେଲା ଦେହେଲିଆ କକା ।

ଭାବ୍ ତ ଘାଏ ତୁଇ କେନ୍‌ତା ମାଆଁ
ଖାଏବାର୍ ଲାଗି କରିଛୁ ଆଁ
ପୁଓ ଝି’କର୍ ରକତ୍
ସତ୍ କହ ମାଁ ତୁଇ ଖାଏସୁ କି
ଖାଏସନ୍ ତୋର୍ ଭକତ୍ !

ଜାନିଛେଁ ନାଇଁସେ ଟଁଢ଼େଇ ତୁଇ
ରକତ୍ ଧାର୍ ତୋର୍ ଦରକାର୍ ନାଇଁ
ଜବାବ୍ ଦେ ଗୋ’ ମାଁ
ଇମାନେ ଖାଏବେ କାଏଁ ହେଲା ଯେ’
ଧରୁଛନ୍ ତୋର୍ ନାଆଁ । ।

ବୁକାର୍ ଜୀବନ୍ ହାଲ୍ ହାଲ୍
ଭାବ୍‌ଲା ମୋର୍ ପୂର୍‌ଲା କାଲ୍
ଲହ ପୂରିଗଲା ଆଁଖି
ବଏଲା ମାଁ ଗୋ’ ମାହେଶରୀ
ତୁଇ ଏକା ମୋର୍ ସାକ୍ଷୀ ।
କହ କାଏଁ ମୁଇଁ ଦୋଷ୍ କଲିଁ
ଚରିବୁଲି କରି ଖାଉଥିଲିଁ
ଆଏଜ୍ ଯିବା ମୋର୍ ଜୀବନ୍
ସତେ କାଏଁ ତୁଇ ଖାଏଲେ ମତେ
ଉସତ୍ ହେବା ତୋର୍ ମନ୍ !

ବଂଝା ଘରେ ପୁଓ ଦେବୁ ବଲି
ମୋର୍ ମାଁର୍ କୋଲ୍ କର୍‌ବୁ ଖାଲି
ତୁଇ ତ’ ଜଗତ୍ ମାତା
ଚେରେ ଚିର୍‌ଗୁନ୍ ପଶୁ ପକ୍ଷୀ
ସଭେ ତୋର୍ ଛୁଆପୁତା ।





# ପ୍ରତିଦ୍ୱନ୍ଦୀ

ସୁକାନ୍ତ ସାହୁ



"ଶଳା, ଶାମା ସେଇଟା ବୋକାଟା । ୟା'ପ ପୂରା ମାଇଚିଆଟା । ଶଳାଟା ଦୁଧ ପିଉଛି । ପିଉ ପିଉ ।" ଅବିନାଶ ଉତ୍ତ୍ୟକ୍ତ ହୋଇଗଲା । ମନେମନେ ଭାବିଲା- 'ଶଳା' କେତେ ବୋକା ପୃଥିବୀଟାରେ ଗଂଜେଇ ଛଡା ଥାଏ ଆଉ କଅଣ ଯେ ? ସେଇଥିପାଇଁ ତ ଦେବ ଦେବ ମହାଦେବ ନିଜର ମହାପ୍ରସାଦ କରିଥିଲେ ଗଂଜେଇକୁ । ୟା'ପ ଟଙ୍କାରେ ପୋତି ହେବା ନା କଅଣ ?"

ନାଗୁ ଚା' ବାଲା । ପଠାଣ ଗୁଲୁଗୁଲା ବାଲା । ଦନେଇ ହୋଟେଲ୍ ବାଲା । ଏମାନେ ସମତେ ମେଞ୍ଚେ ଲେଖା ଗଂଜେଇ ଆଣନ୍ତି । ଗଂଜେଇ ତକ ଦଳି ଦେଇ କଲିତକକୁ ରଖି ଦିଅନ୍ତି । ପତରର ଟିକକୁ ବାନ୍ଧି ଦିଅନ୍ତି ବିଡା ବିଡା କରି । ବିଡାକୁ ଟଙ୍କାଏ । ଏଗୁଡାକ ସବୁ ଛୋଟ ଛୋଟ ମଶା । ଶାମା ସେଠ ଟା ରୀତିମତ ଗୋଟେ ଟିଙ୍କ । ଯଦି ଅବିନାଶ ଶାମା ସେଠ ପାଲଟି ଯାନ୍ତା ତ କିଛି ନ ହେଲେ ଅନବରତ ସୋଟ ଲଗେଇଦିଅନ୍ତା । ପୂରା ପେଟ ଭର୍ତ୍ତି କରି ସାରା ଦିହର ରକତକୁ ଓଜାଡି ଦିଅନ୍ତା । ସେଇ ଜାଗାରେ ଗଂଜେଇ ଭରି ଦିଅନ୍ତା । ଥାଆନ୍ତା ଯେ ଅନାଦି, ଦନେଇ, ପଠାଣ, ନାଗୁ ନିଅନ୍ତେ । ସହରଟା ଯାକର କେହି ବି ଗଂଜେଇଆ ରହନ୍ତେ ନି ଏକା ଅବିନାଶକୁ ଛାଡି ଦେଲେ ।

ତା' ପେଟ ଭିତରେ ଗୋଟେ ଗଂଜେଇ ଗଛ ପିଲ୍‌କନ୍ତା । ସେଥିରେ ପତ୍ର, ଫଳ, ଫୁଲ ନେସି ହୋଇଯାନ୍ତା । ଆଉ କଲି ଧରନ୍ତା । ପେଟ ଫଟେଇ ଅବିନାଶ ବାହାର କରନ୍ତା କଲି ସବୁକୁ । ଦଳାଦଳି କରନ୍ତା ଆଉ ଚିଲମରେ ଭରନ୍ତା ।

ସେଦିନ ସକାଳୁ ଉଠିପଡିଲା ଅବିନାଶ । ସିଧା ଗାନ୍ଧୀଛକରେ ହାଜର । ନାଟୁ ଚା' ଦୋକାନୀକୁ ବିଡାଏ ଗଂଜେଇ ମାଗିଲା । ଦଳାଦଳି କରି ଚିଲମ୍‌ରେ ଭରିଲା । ସୁନା ଉପରେ ସିନା ଦେଶର ଅର୍ଥନୈତିକ ପରିସ୍ଥିତି । ଏ ଗଂଜେଇ ଉପରେ କ'ଣ ? ସେତକ ଗଂଜେଇ ଆଗ ଦଶ ପଇସାରେ ମିଳୁଥିଲା । କେଇ ବର୍ଷ ତଳେ ଚାରଣା'ରେ ମିଳୁଥିଲା । ଏବେ ତାକୁ ଦଶ ଟଙ୍କା କଲେଣି । ଏଣେ ଦେଖତ ଅର୍ଥନୈତିକ ପରିସ୍ଥିତି ଏକ୍‌ଦମ୍ ସାଙ୍ଘାତିକ । ଘର ଲୋକଙ୍କୁ ମୁଣ୍ଡରେ କି ବୁଦ୍ଧି ଅଛି କେଜାଣୀ ! ଫର୍ମଫିଲପ୍ କରିବାକୁ ଶହେ ଟଙ୍କା ଦେଇ ପାରିବେ ଅଥଚ ଗଂଜେଇଟିକେ ପିଇବାକୁ ଦଶ ଟଙ୍କା ନାଇଁ ।

ଯଦି ସେ ତା' ବାପା ହୋଇଥାନ୍ତା, ତାଙ୍କ ବାପା ପୋଷ୍ଟରେ ଚାକିରି କରୁଥାନ୍ତା । ତେବେ ସେ ଅଫିସରୁ ଯେତେ ଟଙ୍କା ପାଆନ୍ତା କେବଳ ଗଂଜେଇ କିଣନ୍ତା । ସେ ତା' ବାପା ବିଷୟରେ କିଛି ଭାବିଲା । କେତେ ଅଜବ ମଣିଷ । ଜୀବନରେ କେବେ ସିଗ୍ରେଟ୍ ପିଇଥିବେ କି ନା' କେଜାଣି । ଏମାନେ କେମିତି ରହନ୍ତି । ଖାଇ ସାରିଲା ପରେ ଏମାନଙ୍କ ପାଟି କ'ଣ ଅଲଗା ଲାଗେନା । ତା' ବାପାଙ୍କର ପ୍ରତିଯୋଗୀ ଶାମା ସେଠ ନୁହେଁ କି ତାଙ୍କର ଲକ୍ଷ୍ୟ ଗଂଜେଇ ଗଛ ପିଲ୍‌କେଇବା ନୁହେଁ । ତାଙ୍କର ଲକ୍ଷ୍ୟ କେବଳ ଆଧିପତ୍ୟ, ସମ୍ମାନ ଓ ସଂପତ୍ତି ।

ସେ ଯେତେବେଳେ କୁନିପୁଅଟେ ହେଇଥିଲା, ନୂଆ ନୂଆ ଲେଖି ଶିଖୁଥିଲା ସେତେବେଳେ ପରମାନ୍ଦିଆ ମାଷ୍ଟର ହେବାପାଇଁ ଲକ୍ଷ୍ୟ ହୋଇ ଯାଇଥିଲା । ତାଙ୍କ ଭଳି ଧୋତି ଖଣ୍ଡେ ପିନ୍ଧନ୍ତା । ହାତବାଲା ଧଳା ଜନତା ଗଂଜି ଖଣ୍ଡେ ପିନ୍ଧନ୍ତା । ସମ୍ବଲପୁର ଆଡୁ କିଣା ହୋଇଥିବା ଗାଢ ଗୋଲାପୀ ଗାମୁଛା ଗୋଟେ କାନ୍ଧରେ ପଡନ୍ତା । ମୁଣ୍ଡରେ ଗୋଲ ଚନ୍ଦନ ଟିକାଟେ ଆଉ ପାଦରେ କଠଉ ଦି'ଟା । କାନ୍ଧରେ ନ'ଖିଆ ମୋଟା ମୋଟା ସୂତାର ପଇତା ପଡନ୍ତା । ଆଉ ମାଳଗଛ କି କରବୀର ଗଛର ଦି'ଟା ଲମ୍ବ ଛାଟ ହାତରେ ଧରନ୍ତା । ଇୟେ ହେଉଛି ଅବଧାନୀ ପୋଷାକ । ସେତେବେଳେ ତାକୁ ଲାଗୁଥିଲା, ଏଇ ମାଷ୍ଟର ପାଇଁ ତାକୁ ସକାଳୁ ଉଠିବାକୁ ପଡୁଛି । ବୋଉ ଶୋଇଥିଲେ ବି ତାକୁ ଏକା ଉଠି ଦାନ୍ତ ଘଷି ପଖାଳ ଖାଇବାକୁ ପଡୁଛି । ପୁଣି ଆକାଶ ଘରେ ସୂର୍ଯ୍ୟ ଦେବତା ନ ପହଞ୍ଚିବା ଆଗରୁ ଦେଖୁଥିଲା ବାସନ୍ତୀ, ବିଷ୍ଣୁ, ନରହରି, ପ୍ରାଣବନ୍ଧୁଙ୍କ ସମତେ ୧୫ ଜଣ ପହଞ୍ଚି ସାରିଥିବେଣି । ଏ କଥାଟା ତାକୁ ଖୁବ୍ କଷ୍ଟ ଦିଏ । ବାରମ୍ବାର ସେ ଭାବିଛି ଯେ ସେ ହିଁ ପ୍ରଥମେ ପହଞ୍ଚିବ । କିନ୍ତୁ ସବୁଦିନେ ଛୁଟିବେଳେ ସେ ପନ୍ଦର ସତର ବାଡିରୁ କମ୍ ମାଡ ଖାଇବାଟା ତା ଚା'ଶାଳୀ ଜୀବନର ଇତିହାସ ପୃଷ୍ଠାରେ ନଥିବ । ବାସନ୍ତୀ ଭଳି ଶୂନ ପାଇବାଟା ତା' ଭାଗ୍ୟରେ ଜୁଟିଲାନି । ସେଥିପାଇଁ ସେ ଖୁବ୍ ରାଗେ ବାସନ୍ତୀ ଉପରେ । ଭାବେ ଏଇ ବାସନ୍ତୀଟାକୁ କଅଣ ନିଦ ହୁଏନା । କି ତାକୁ ଚା'ଶାଳୀ ଆସିଲା ବେଳେ ଝାଡା ଲାଗେନା ଯେ ସବୁଦିନ ସକାଳେ ଆସି ପ୍ରଥମେ ପହଁଚି ଯାଉଛି । ତା' ଚା'ଶାଳୀ ଜୀବନର ପରମାନ୍ଦିଆ ମାଷ୍ଟ୍ରଙ୍କ ଦେହ କେବେ ଖରାପ ହୋଇନି । ଘରକୁ ଫେରି ସେ ସବୁ ଖରାବେଳେ ଚାଟଶାଳୀ ଖେଳ ଖେଳେ । ବାଡରୁ ଗୁଡାଏ ସିଜୁପତ୍ର ଛିଡାଇ ଆଣେ । ସେ ସବୁ ପତ୍ର ଗୁଡାକୁ ସିଲଟ୍ କରି କଞ୍ଚିଗୁଡିକୁ ଖଡି କରେ । ତାଙ୍କ ଦୁଆର ମୁହଁରେ ଥିବା ଖୁଣ୍ଟ ଗୁଡିକରେ ଖୋଜା ଯାଇଥିବା ନର୍ତ୍ତକୀମୂର୍ତ୍ତି ପାଖରେ ଖଣ୍ଡେ ଖଣ୍ଡେ ପତ୍ର ଆଉ କଞ୍ଚି ରଖିଦିଏ । ଚାରିଟା ବାଡିଭାଙ୍ଗି ଆଣେ । ପରମାନ୍ଦିଆ ମାଷ୍ଟ୍ରେଙ୍କ ଭଳି ନର୍ତ୍ତକୀ ମୂର୍ତ୍ତିଗୁଡିକୁ ଆଖିବୁଜା ପିଟିଚାଲେ ।

ଚାଟଶାଳୀ ଜୀବନ ଅତିକ୍ରମ କରିଗଲା ପରେ ପରମାନ୍ଦିଆ ମାଷ୍ଟ୍ରେ ଆଉ ତା' ଜୀବନରେ ଲକ୍ଷ୍ୟ ହେଇ ରହିଲେ ନାହିଁ । ତା'ପରେ ସେ ଯେତେବେଳେ ୟୁ.ପି. ସ୍କୁଲର ଛାତ୍ର ହୋଇଗଲା ସେତେବେଳେ ନରହରି ସାର୍ ତା' ଲକ୍ଷ୍ୟ ହୋଇଗଲେ । ନରହରି ସାର୍‌ଙ୍କ ଜୀବନ ଅବିନାଶକୁ ଖୁବ୍ ଭଲ ଲାଗେ । କିନ୍ତୁ ଦଣ୍ଡ ଦେଲାବେଳେ ସେ ପରମାନ୍ଦିଆ ମାଷ୍ଟ୍ରଙ୍କ ଠାରୁ ଆହୁରି କଠୋର । ଅବିନାଶର ସବୁ ଭଲ ଗୁଣ ଥିଲେ ମଧ୍ୟ କେଇଟା ଗୁଣ ପାଇଁ ପ୍ରାୟ ସେ ସବୁଦିନେ ମାଡ ଖାଏ । ମନେମନେ ବାରମ୍ବାର ସେ ନରହରି ସାରଙ୍କ ଭୂମିକାରେ ଅବତୀର୍ଣ୍ଣ ହୋଇଯାଏ । ଶ୍ରେଣୀରେ କୋଉ ସାର୍ ନଥିଲା ବେଳେ ତାକୁ ଖୁବ୍ ଡର ଲାଗୁଥାଏ । କାଳେ ନରହରି ସାର୍ ବାଡି ଧରି ପଶିଯିବେ କି । ଘରେ ବି କାମ କଲା ବେଳେ ଯଦି କିଛି ଭୁଲ କରି ପକାଉଛି ତାକୁ ଲାଗେ ଯେମିତି ନରହରି ସାର୍ ବାଡିତ ନୁହେଁ ଗୋଟେ ପାଞ୍ଚଣ ଧରି ଧାଇଁ ଧାଇଁ ଆସୁଛନ୍ତି । ସବୁ ଭୁଲ୍ ତା'ର ପାଣି ଫାଟିଯାଏ । ନରହରି ସାର୍ ଗୋଟିଏ ଲକ୍ଷ୍ୟ ହୋଇ ଯାଇଥିଲେ ତା' ଅଜାଣତରେ । ନରହରି ସାର୍‌ଙ୍କ ପରେ ପରେ ଗଦେଇ ସାର୍ ତାର ଆଉ ଗୋଟିଏ ଲକ୍ଷ୍ୟ ହେଇଗଲେ ।

ଏଇ ଗଦେଇ ସାର୍ ବଡ ଅଜବ ମଣିଷ । ତାଙ୍କ ନାଁଟା ହେଉଛି ଗଦାଧର ସାହୁ । କିନ୍ତୁ ସେ ବିଲ୍‌କୁଲ୍ ଓଲଟା । ଗଦାଧରଙ୍କ ପରି ସେ ବଳବାନ୍ ନୁହନ୍ତି କି ବପୁବାନ ନୁହନ୍ତି । ତାଙ୍କ ମୁଣ୍ଡରେ ସାତ ଆଠଟି କଳାବାଳ ଓ ପନ୍ଦର କୋଡିଏଟି ଧଳା ବାଳକୁ ଛାଡି ଦେଲେ ବାକି ସବୁ ଅଞ୍ଚଳତକ ପୋଡୁଚାଷର ଅଞ୍ଚଳ ଭଳି । ସେ ଲୋକଟିଙ୍କୁ ମାନିଯିବାକୁ ପଡିବ । ଏତେ ନୈଷ୍ଠିକ, ଏତେ ଆଦର୍ଶବାନ୍ ପୁରୁଷ କମ୍ ଦେଖାଯାନ୍ତି । ବିଚିତ୍ରତାରେ ସେ ପୃଥିବୀ ଇତିହାସରେ ବିରଳ । "ବସିବା ଠାରୁ କାଶିବା ଭଲ" – ପ୍ରବଚନଟିକୁ ସେ କେଉଁ ଅର୍ଥରେ ବୁଝନ୍ତି କେଜାଣି ବିନା କାରଣରେ ବି କାଶୁଥାନ୍ତି । ନାକ ଉପରେ ସବୁବେଳେ ହାତ ମାରି ମାରି ତାଙ୍କ ନାକଟା ଖୁବ୍ ଲମ୍ବି ଯାଇଥିଲା । ସେ ସବୁବେଳେ କିଛି ବିଚିତ୍ର କଥା କହନ୍ତି । ଅବିନାଶ ଭାବେ ସେ ନିହାତି ଗଦେଇ ସାର୍‌ଙ୍କ ଭଳି ହେବା ଉଚିତ । ତାଙ୍କ ଚାଲିଚଳଣ, ଆଚାର ବ୍ୟବାହାର ସବୁଥିକୁ ସେ ପୁରାପୂରି ପସନ୍ଦ କରୁଥିଲା ।

ହାଇସ୍କୁଲକୁ ଆସିଲା ବେଳେ କିନ୍ତୁ ହେଡମାଷ୍ଟର ଗଦେଇ ସାରଙ୍କ ସ୍ଥାନଟି ନେଇ ପାରିଲେନି । ହେଡମାଷ୍ଟ୍ରେ କିନ୍ତୁ ଗଦେଇ ସାରଙ୍କ ସବୁଗୁଣରେ ଓଲଟା ଥିଲେ । ଅନେକଥର ଅବିନାଶ ଲକ୍ଷ୍ୟ କରିଛି ଯେ ସେମାନେ ପ୍ରାର୍ଥନା ଶ୍ରେଣୀରେ ପରମେଶ୍ୱରଙ୍କ ଲକ୍ଷ୍ୟ ରଖି – "ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି" ଶପଥ କରନ୍ତି । କିନ୍ତୁ ହେଡମାଷ୍ଟ୍ରଙ୍କ ଠୁଁ ଶିଖନ୍ତି ଯେ – ନା ନା ବଞ୍ଚିବାକୁ ହେଲେ କିଛି ମିଛ କହିବା ଦରକାର ।

ସେତେବେଳେ ତାଙ୍କ ଶ୍ରେଣୀରେ ଅପର୍ଣ୍ଣା ବୋଲି ସୁନ୍ଦରୀ ଝିଅଟିଏ ପଢୁଥିଲା । ଅବିନାଶ ଅନେକଥର ଶ୍ରେଣୀରେ ତା' ନେଇ ଅନ୍ୟମନସ୍କ ରହେ । ତା' ଗୋରାଗାଲରୁ ଗଳି ପଡୁଥିଲା ଥପ୍ ଥପ୍ ଝାଳ । ତାକୁ ସେସବୁ ଖୁବ୍ ଭଲ ଲାଗେ । ଅପର୍ଣ୍ଣାର ତ୍ରିକୋଣମିତି ଭଲହୁଏନା । ସେଥିପାଇଁ ବେଳେବେଳେ ଅବିନାଶ ଉପରେ ଭରସା କରେ । ଅବିନାଶ ଭାବେ ୟା'କୁ ଯଦି ଆଲଜେବ୍ରା, ପରିମିତି କି ଅଙ୍କନ ବି ଆସୁନଥା'ନ୍ତା ଆଉ ଟିକେ ଭଲ ହୁଅନ୍ତା । ଅନ୍ତତଃ ଘଣ୍ଟେ ଜାଗାରେ ଦି'ଘଣ୍ଟା ତ' ବୁଝନ୍ତା । ମନେ ମନେ ଖୁବ୍ ପସ୍ତାଏ ଅବିନାଶ । ଭାବେ ତାଙ୍କ ଘରଟା ଅପର୍ଣ୍ଣା ଘର ପାଖରେ ହୋଇଥିଲେ ଖୁବ୍ ଭଲ ହୋଇଥାନ୍ତା । ସୁଦର୍ଶନକୁ ତାକୁ ଖୁବ୍ ଈର୍ଷା ଲାଗେ । ସୁଦର୍ଶନ ତାକୁ ଅନେକ ଥର ବୁଝେଇଛି ଯେ ତୋର ସେମିତି ଭାବିବାଟା ମୁର୍ଖାମୀ ହେବ । ସେ ମୋଟେ ସେମିତି ଝିଅ ନୁହେଁ । ସେତେବେଳେ ଅବଶ୍ୟ ଅବିନାଶର ଧାରଣା ହୋଇ ଯାଇଥିଲା – "ସେ ମୋଟେ ସେମିତି ଝିଅ ହେଇ ନଥିବ ।" କିନ୍ତୁ ତା' କଲେଜ ଜୀବନରେ ଯେତେବେଳେ ଶୁଣିବାକୁ ପାଇଲା ବୁଢୀ ଗୋଟିଏ ଇଂଜିନିୟର ସହ ଲଟର ପଟର ହେଉଛି, ତାକୁ ସୁଦର୍ଶନକୁ ଭାରି ରାଗ ଲାଗିଲା ।

ଏମିତି କାଇଁ କେତେ ଲୋକ ତା' ଜୀବନରେ ନ ଆସିଛନ୍ତି, ଆଉ ସେ କେତେ ନ ଭାବିଛି ଏମିତି ସେମିତି ହେବ ବୋଲି ।

ଗଂଜେଇତକ ପିଇ ସାରିଲା ପରେ ସେ ବିଦ୍ୟା ପାନଦୋକାନ ପାଖକୁ ଗଲା । ପାଖରେ ଥିବା ଟିନା ଗ' ଦୋକାନରୁ ଚା କପ୍‌ଟେ ପିଇଲା । ଚା' ପିଇଲା ବେଳେ ସେଠି ଗୋଟେ ଆଲୋଚନା ହେଉଥିଲା ମ୍ୟୁନିସିପାଲିଟି ନିର୍ବାଚନ ପ୍ରସଙ୍ଗରେ । ଜଣେ କାଉନ୍‌ସିଲର ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ଲୋକ ଭାଷଣ ଦେଉଥାଏ – ସେ ଯଦି କାଉନସିଲର ହୋଇ ଯାନ୍ତାତ ମ୍ୟୁନିସିପାଲିଟିର ଚେହେରା ବଦଳାଇ ଦିଅନ୍ତା । ଅବଶ୍ୟ ସମୁକ ପଧାନୀର ଭଲ ନାଁ ଅଛି, ସେ ନିଶ୍ଚିତ ଜିତିବ ବୋଲି ଲୋକଟି ବାରମ୍ବାର ଘୋଷଣା କରୁଥିଲା । ଆହୁରି କହୁଥିଲା ଯେ ପଧାନୀ ଭଳି ଯଦି ତା'ର ନାଁ ଥାନ୍ତା ତ ସେ ନିଶ୍ଚେ ଏବରୁ କିଛି କରି ଦେଖାଇ ଦିଅନ୍ତା । ଅବିନାଶକୁ ଖୁବ୍ ହସ ମାଡିଲା । ଭାବିଲା ଏ ସିଙ୍ଗାଣିନାକ ପଧାନୀକୁ ପଚାରେ ବା କିଏ । ଏ ଲୋକଟା ତାକୁ ଜବରଦସ୍ତି ତା' ଲକ୍ଷ୍ୟ ଭିତରକୁ ଟାଣୁଛି । ଦିନକୁ ଦଶଥର ପଧାନୀ ହେଇ ପାରିବ ଅବିନାଶ । ତା'ପରେ ସେ ହସିଲା ଆଉ କହିଲା – କାଉନ୍‌ସିଲର ବା କେତେ କ୍ଷମତା ମୁଁ ଜାଣେ । ଛାଡହୋ ଦେଶଟାକୁ କେହି ଓଲଟାଇ ନାହାନ୍ତି କି ଓଲଟେଇବେ ନି ।

ତାକୁ ଖୁବ୍ ବିରକ୍ତ ଲାଗିଲା । ବିରକ୍ତରେ ପାଖ କପଡା ଦୋକାନକୁ ଗଲା । ମାରୱାଡିମାନେ କୁଆଡେ ଭଲ ବେପାରୀ । ଏଇଟା କିନ୍ତୁ ଟାଉନ୍‌ର ସବୁଠୁଁ ଗରିବ ମାରୱାଡି । ଜଣେ ଲୋକ ସହ କଥା ହେଲା ବେଳେ ଦୋକାନୀଟା କହୁଥିଲା ଯେ ଅମିତ୍ ଶାଢୀ ସେଣ୍ଟରରେ ପ୍ରଚୁର ବିକ୍ରୀ, ଅଥଚ ତା'ର ନାଇଁ । ତା'ର ଯଦି ସେମିତି ବିକ୍ରୀ ହେଉଥାନ୍ତା, ତେବେ ସେ ଗ୍ରାହକମାନଙ୍କୁ ଥାର୍ଟି ପର୍‌ସେଣ୍ଟ ରିବେଟ୍ ଦେଉଥାନ୍ତା । ୟାପ ଲୋଭୀଟା ବ୍ୟବହାର ଜାଣେନା । କଷ୍ଟମରଙ୍କୁ କେମିତି ବ୍ୟାବହାର ଦିଆଯାଏ ଜାଣେନା । ଯେ ଗଲା, ତାକୁ ଫୋପାଡିଲା ଭଳିଆ କଥା କହିଲା । ତା'ର ପ୍ରତିଦ୍ୱନ୍ଦୀ ଅମିତ ଶାଢୀ ସେଣ୍ଟର ହୋଇଯାଇଥିଲା । ଅବିନାଶ ମନେ ମନେ ଭାବିଲା – ତୋର ବି ଭଲ ବିକ୍ରି ହେଉଥିଲେ ତୁ ବି ଗ୍ରାହକ ଈଶ୍ୱରଙ୍କୁ ପଚାରନ୍ତୁ ନାହିଁ । ସେ ତ ଟେନ୍ ପର୍‌ସେଣ୍ଟ ରିବେଟ୍ ଦେଉଛି । ତୁ ଟା ତ ୱାନ୍ ପର୍‌ସେଣ୍ଟ ଦେଉ ନଥାନ୍ତୁ । ଭଲ ହୋଇଛି ତୋର ବିକ୍ରି ହେଉନି । ନହେଲେ ତୁ ଇନ୍ଦ୍ରଚନ୍ଦ୍ର ମାନୁ ନଥାନ୍ତୁ ।

ସେଠୁ ଉଠିଯାଇ ଗାନ୍ଧୀଛକର ମଝିରେ ଥିବା ପାହାଚ ଉପରେ ବସିଲା ତା'ପାଖ ପାହାଚରେ କେଇଟା ଟୋକା ବସିଥିଲେ । ଏମାନେ ବୋଧେ କବି । କ'ଣ ଗୁଡାଏ ଲୋକଙ୍କ ନାଁ ଧରୁଥିଲେ । ଆବଶ୍ୟ ଅବିନାଶ ଆଗରୁ ଏ ନାଁ ଗୁଡା ଶୁଣି ନଥିଲା । ସେମାନେ କୁଆଡେ ବଡ ଲେଖକ । ଏ ଟୋକା କବିଦଳଙ୍କ ଲେଖା କେଉଁ ପତ୍ରିକାରେ ବାହାରୁ ନାହିଁ । ତାଙ୍କ ଭିତରୁ ଜଣକର ଗୋଟେ ଅଧେ ଲେଖା ବାହାରି ଯାଇଛି । ନହେଲେ ସେ ଏତେ ଗୁରୁତ୍ୱ ଦେଉଥାନ୍ତା କାହିଁକି ? ସେ କହୁଥାଏ – ଭଲ ଲେଖିଲେ ଲେଖା ନିଶ୍ଚୟ ପ୍ରକାଶିତ ହେବ । ସେମାନେ ଚିନ୍ତା କରୁଥିଲେ ଯେ ଯେତେ ନାମୀ ଲେଖକ ଅଛନ୍ତି, ତାଙ୍କୁ ବାଦ୍ ଦେଇ ଗୋଟିଏ ଅନୁଷ୍ଠାନ କରିବେ । ଅବିନାଶ ଭାବିଲା ବୋଧେ ଏମାନେ ବେନାମୀ ଅନୁଷ୍ଠାନ କରିବେ । ତାକୁ ଭାରି ହସ ମାଡିଲା । ଭାବିଲା ଏ ଲେଖାଫେଖାରୁ କଅଣ ମିଳୁଛି ?

ମନେମନେ ଭାବିଲା – ଏଠୁ ମତେ ବା କଅଣ ମିଳିବ ? ସାଇକେଲ ଚଢିଲା । ସାଇକେଲ୍‌ରେ ଯାଉ ଯାଉ ପୁରୁଣାପଡା ଛକରେ ଦି'ଟା ଟୋକାଙ୍କୁ ଦେଖିଲା । ସେମାନେ ମିଥୁନ୍ ଭଳି ବାଳ କରିଥିଲେ ଆଉ ଡ୍ରେସ ପିନ୍ଧୁଥିଲେ । ସେମାନେ ଆଲୋଚନା କରୁଥିଲେ ମିଥୁନ୍ ଅମୁକ ଫିଲିମ୍‌ରେ ସମୁକ ଡ୍ରେସ ପିନ୍ଧିଛି ବୋଲି ।

ଘରେ ପହଞ୍ଚି ଦେଖିଲା ତା' ସାନ ଭାଇଟା ଗୋଟେ ମୋଟା କେମିଷ୍ଟ୍ରି ବହି ଘୋଷୁଛି । ତାକୁ ଗୋଟେ ବଡ ପ୍ରଫେସର ହେବାର ଲକ୍ଷ୍ୟ ଅଛି । ପାଠ ପଢୁନଥିଲା ବେଳେ ସେ ଚନ୍ଦାମୁଣ୍ଡିଆ ପ୍ରଫେସରର କଥା କହିବାରେ ବ୍ୟସ୍ତ ଥାଏ ।

ବୋଉର ପ୍ରତିଦ୍ୱନ୍ଦୀ ବଡ ମା' । ସେ ବଡ ମା'ର ସବୁ ଦୋଷଦୁର୍ବଳତାକୁ ବଖାଣି ବସେ । ସେ ଏମିତି କଲେ ସେମିତି କଲେ ବୋଲି କହେ । ଆଉ କହେ ଏମିତି କରିବା କଥା, ସେମିତି କରିବା କଥା ।

ଅବିନାଶ ନିଶା କବଳରୁ ମୁକୁଳି ଆସୁଥିଲା । ମନେମନେ ଭାବୁଥିଲା ଯେମିତି ସମସ୍ତେ ଗୋଟେ ଶିକୁଳିରେ ବନ୍ଧା । କେଇ ବି ନିଜେ ହେଇ ସନ୍ତୁଷ୍ଟ ନୁହେଁ । ସମତେ ଆଉ ଜଣେ କିଏ ହେବା ନିଶାରେ । କେଇ ବି ଯେମିତି ବଡ ନୁହେଁ ନିଜ ନିଜ ପ୍ରତିଦ୍ୱନ୍ଦିତାର ରାଜ୍ୟରେ ।

**କଳାହାଣ୍ଡି**

# କୋଶଳାଂଚଳର ଗର୍ବ ଏବଂ ଗୌରବ ଦୀପା ବାରିକ : ମହିଳାଙ୍କ ପାଇଁ ପାଲଟିଛନ୍ତି ଉଦାହରଣ

ପଦ୍ମପୁର, (ନିପ୍ର) : ମହିଳାମାନେ ପୁରୁଷଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି । ଆଜିର ନାରୀ ପୁରୁଷମାନଙ୍କ ସହ ତାଳରେ ତାଳ ମିଳେଇ ସବୁକ୍ଷେତ୍ରରେ ନିଜର କୃତିତ୍ୱ ପ୍ରତିପାଦନ କରୁଛି । ଖେଳକୁଦ, ଗୀତ ସଙ୍ଗୀତ, ରାଜନୀତି ହେଉ ଅବା ସମାଜସେବା କ୍ଷେତ୍ରରେ ହେଉ ଆଜିର ନାରୀ ସର୍ବଦା ନିଜର ପରାକାକ୍ଷା ପ୍ରଦର୍ଶନ କରିଆସୁଛନ୍ତି । ଆଜି ହେଉଛି ଅନ୍ତର୍ଜାତୀୟ ମହିଳା ଦିବସ । ସମଗ୍ର ବିଶ୍ୱରେ ମହିଳାମାନଙ୍କ ପ୍ରତି ସମ୍ମାନ ଓ ଭଲପାଇବା ଜଣାଇବା ପାଇଁ ପାଳନ କରାଯାଇଥାଏ ଅନ୍ତର୍ଜାତୀୟ ମହିଳା ଦିବସ । ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ମହିଳା ଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିନ ମହିଳାମାନଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କର ତ୍ୟାଗ ଏବଂ ପରିଶ୍ରମକୁ ସ୍ୱୀକୃତି ଓ ସମ୍ବର୍ଦ୍ଧନା ଦିଆଯାଇଥାଏ । ଏହି ବର୍ଷ ସମଗ୍ର ପଶ୍ଚିମ ଓଡିଶା ପାଇଁ ସମାଜ ସେବାରେ କୃତିତ୍ୱ ଅର୍ଜନ କରି ଗୌରବ ବଢ଼ାଇଛନ୍ତି ବରଗଡ଼ ଜିଲ୍ଲା ପାଇକମାଲ ଅଂଚଳର ଝିଅ ଦୀପା ବାରିକ । ରାଜ୍ୟ ସ୍ତରୀୟ ଦୁଇ ଦୁଇଟି ବିରାଟ ମଂଚରେ ଅନେକ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସମ୍ମାନିତ ହୋଇ ବରଗଡ଼ ଜିଲ୍ଲାର ସ୍ୱାଭିମାନକୁ ରାଜ୍ୟ ସ୍ତରରେ ପ୍ରତିପାଦିତ କରିଛନ୍ତି ସେ ।

ଗତ ମାସ ଭୁବନେଶ୍ୱରରେ ଆୟୋଜିତ ଜାତି ନନ୍ଦିଘୋଷ କନକ୍ଲେଭରେ ନିଜ ନିଜର କୃତୀତ୍ୱ ଓ ଅବଦାନ ଲାଗି ଓଡ଼ିଶାର ୨୧ ଜଣ ବିଶିଷ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଦୀପା ବାରିକଙ୍କୁ ସମ୍ମାନିତ କରାଯାଇଥିଲା । ଉଚ୍ଚ ପଦାଧିକାରୀ ତଥା ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ ମଧ୍ୟ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଆଇପିଏସ୍ ସତ୍ୟଜିତ୍ ମହାନ୍ତି, ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ, ଓଡ଼ିଶା ମୋ' ପରିବାରର ଆବାହକ ଅରୁପ ପଟ୍ଟନାୟକ, ସୋଆ ସଭାପତି ମନୋଜରଞ୍ଜନ ନାୟକ, ଅଭିନେତା ସବ୍ୟସାଚୀ ମିଶ୍ର, ଓଏସ ଟପ୍ପର ଦେବାଶୀଷ ପଣ୍ଡା, ଶିଳ୍ପପତି ସୌୟୁଦ ସିରାଜୁଦ୍ଦିନ, ପ୍ରବୋଧ ମହାନ୍ତି, ତାରାକାନ୍ତ ପଟ୍ଟନାୟକ, କରୋନା ବିଜ୍ଞାପନ ମାଧ୍ୟମରେ ଘରେ ଘରେ ପରିଚିତ ହୋଇଥିବା କରୋନା ମାଉସୀ ବିଜୟଲକ୍ଷ୍ମୀ ପ୍ରହରାଜ, ବୈଜ୍ଞାନିକ ଓମ୍ ବେବର୍ତା, ଐତିହ୍ୟ ସଂରକ୍ଷକ ଅନିଲ୍ ଧୀର୍, ପ୍ରତୀକ ପଟ୍ଟନାୟକ, କତାରସ୍ଥିତ ପ୍ରବାସୀ ଓଡ଼ିଆ ସଂଗଠନ ଉତ୍କଳିକା କତାର ପ୍ରଭୃତି ସାମିଲ ରହିଥିଲେ । ଏହାଛଡା ଗତ ମାର୍ଚ୍ଚ ୫ ତାରିଖରେ ଭୁବନେଶ୍ୱର ସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମୀୟମ ଠାରେ ପ୍ରମେୟ ଗ୍ରୁପ ତରଫରୁ ବିଶ୍ୱ ମହିଳା ଦିବସ ଉପଲକ୍ଷେ କରାଯାଇଥିବା ସମ୍ବର୍ଦ୍ଧନା ସଭାରେ ରାଜ୍ୟର କୋଣ ଅନୁକୋଣରୁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜୁନ କରି ଆସିଥିବା ମହିଳାଙ୍କ ମଧ୍ୟରେ ଦୀପା ସମ୍ବର୍ଦ୍ଧିତ ହୋଇ ଜିଲ୍ଲାର ଗୌରବ ବଢ଼ାଇଛନ୍ତି । ଜଣେ ଉପାନ୍ତ ଅଂଚଳର ଝିଅ ହୋଇ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ହେବା ପରେ ତାଙ୍କ ଗାଁ ଟେମରିରେ ଖୁସିର ଲହରି ଖେଳିଯାଇଛି ଏବଂ ତାଙ୍କ ଗ୍ରାମବାସୀ ଉତ୍ସାହିତ ହୋଇ ତାଙ୍କୁ ପାରମ୍ପରିକ ବାଦ୍ୟ ସହ ଗାଁକୁ ପାଛୋଟି ନେଇ ଗୋଡ଼ ଧୋଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ବରଗଡ ଜିଲ୍ଲା ପାଇକମାଲ ବ୍ଲକ ଅନ୍ତର୍ଗତ ଟେମରୀ ଗ୍ରାମର ଦୀପା ବାରିକଙ୍କ ଜନ୍ମ । ସମ୍ପ୍ରତି ନାରୀ ଆଉ ଚାରି କାନ୍ଥ ଭିତରେ ଆବଦ୍ଧ ନ ରହି ପୁରୁଷଙ୍କ ସମକକ୍ଷ ହୋଇ ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରୁଛି । କିଏ କହେ ନାରୀ ଦୁର୍ବଳା ଅବଳା । ନାରୀ ଦୁର୍ବଳା ନୁହେଁ ସବଳା, ଏହା ପ୍ରମାଣ କରି ଦେଖାଇଛନ୍ତି ଦୀପା । ଆଉ କିଏ କହେ ନାରୀ ଜୀବନ ଚୁଲି ମୁଣ୍ଡକୁ । ହେଲେ ଏସବୁକୁ ଭୁଲ ପ୍ରମାଣିତ କରିଛନ୍ତି ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଟେମରି ଗାଁର ଦୀପା ଓରଫ ଚାରୁବାଳା ବାରିକ । ଦୀପାଙ୍କ ବାପା ଅମୃତଲାଲ ବାରିକ ଜଣେ ଚାଷୀ ଓ ମା' ସୁଷମା ଜଣେ ଅଙ୍ଗନବାଡି କର୍ମୀ । ଦୀପା ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା କରି ପଦ୍ମପୁର ଅଂଚଳ ମହାବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରି ସ୍ନାତକୋତ୍ତର କରିଛନ୍ତି । ମଧ୍ୟବିତ୍ତ ପରିବାରର ଦିପା ବାରିକ ବର୍ତ୍ତମାନ ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ଏକ ପରିଚିତ ନାଁ । ପ୍ରତ୍ୟେକ ଜିଲ୍ଲାର ଅସହାୟ ଦୁଃଖୀଙ୍କୁ ସହାୟତା ପାଇଁ ତତ୍ପରତା ପ୍ରକାଶ କରି ପ୍ରତିଦିନ ସରକାରଙ୍କ ଠାରେ ସେମାନଙ୍କର ଦୁଃଖ ସମସ୍ୟା ଉତ୍ଥାପନ କରୁଛନ୍ତି ।

ଗରିବଙ୍କ ହକ୍ ପାଇଁ ଲଢେଇ କରୁଥିବାରୁ ଦୀପା ଲୋକଙ୍କ ପାଖରେ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି । ପ୍ରବଳ ଇଚ୍ଛା ଶକ୍ତି ଯୋଗୁଁ ହଜାର ହଜାର ଲୋକଙ୍କ ମୁହଁରେ ସେ ହସ ଫୁଟାଇ ପାରୁଛନ୍ତି । କେବଳ ଅସହାୟଙ୍କୁ ସହାୟତାରେ ସୀମିତ ନ ରହି ଦିପା ଅଂଚଳର ବିକାଶ ପାଇଁ ସବୁବେଳେ ଚେଷ୍ଟିତ । ଗଣମାଧ୍ୟମରେ ବାହାରୁଥିବା ବିଭିନ୍ନ ଖବରକୁ ତଥା ସ୍ଥାନୀୟ ସମସ୍ୟା ଗୁଡିକୁ ସେ ଟୁଇଟ କରି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଆଣୁଛନ୍ତି । ବରଗଡ଼ ଜିଲ୍ଲା ଛଡା ବଲାଙ୍ଗିର, କୋରାପୁଟ, ମାଲକାନଗିରି, ରାୟଗଡା, ବୌଦ୍ଧ, କଳାହାଣ୍ଡି ଜିଲ୍ଲାର ଅନେକ ସମସ୍ୟାର ସମାଧାନ କରି ପାରିଛନ୍ତି ଦୀପା । ତାଙ୍କର ଏଭଳି ସମାଜସେବା ନିଶ୍ଚିତ ଭାବେ ଅନ୍ୟ ମାନଙ୍କୁ ପ୍ରେରଣା ଯୋଗାଇବ । ଦୀପାଙ୍କ ସମାଜସେବା କାର୍ଯ୍ୟ ପାଇଁ ତାଙ୍କ ବାପା ନିଜକୁ ଗର୍ବ ଅନୁଭବ କରନ୍ତି । ଦୀପା ଭବିଷ୍ୟତରେ ଜଣେ ଶିକ୍ଷୟତ୍ରୀ ହୋଇ ସମାଜରେ ଭଲ ମଣିଷ ଗଢିବା ପାଇଁ ଆଶା ରଖିଛନ୍ତି ।




ମହିଳା ମାନଙ୍କ ପାଇଁ ଆଜି ଉଦାହରଣ ସାଜିଛନ୍ତି ଦୀପା । ତାଙ୍କର ପ୍ରତ୍ୟେକ ପଦକ୍ଷେପ ଜନାଭିମୁଖୀ ହୋଇଥିବା ବେଳେ ଆଗାମୀ ସମୟରେ ସେ ଜଣେ ପ୍ରଚଣ୍ଡ ପ୍ରତିଭାର ଅଧିକାରିଣୀ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ବିଶ୍ୱାସ କରାଯାଏ ।

ଗରିବ, ଅସହାୟ, ଶୋଷିତ ତଥା ଅବହେଳିତ ମଣିଷଙ୍କ ପାଇଁ ଆଜି ସେ ଦେବଦୂତ ଭଳି କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରି ପାରିଛନ୍ତି । ଏଭଳି କାର୍ଯ୍ୟ ପାଇଁ ଅଂଚଳରେ ବେଶ୍ ସୁନାମ ଅର୍ଜନ କରି ପାରିଛନ୍ତି ଦୀପା ।

ଆଗାମୀ ସମୟରେ ସେ ଜଣେ ଶିକ୍ଷୟିତ୍ରୀ ଭାବରେ ଦାୟିତ୍ୱ ନେଇ ଏକ ସୁସ୍ଥ ସମାଜ ଗଠନ ପାଇଁ ଅଣ୍ଟା ଭିଡ଼ିବେ ବୋଲି ଉଚ୍ଚ ଆକାଂକ୍ଷା ରଖିଛନ୍ତି । ଏହା ନିଶ୍ଚୟ ବେଶ୍ ସ୍ୱାଗତଯୋଗ୍ୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ମାନବ ସେବାରେ ନିଜକୁ ନିୟୋଜିତ କରିବାର ଅଦମ୍ୟ ଇଚ୍ଛାଶକ୍ତି ପାଇଁ ଆଜି ଦୀପା ନିଜକୁ ପ୍ରତିଷ୍ଠା ପ୍ରଦାନ କରିପାରିଛନ୍ତି ।



# ନବଧା ଭକ୍ତିରେ ବନ୍ଦନ

ଲେଖକ : ଜୟଦୟାଳ ଗୋୟନ୍ଦକା
ଅନୁବାଦକ : ଗୋକୁଳାନନ୍ଦ ଅଗସ୍ତି ଶର୍ମା



୰ଗୋକୁଳାନନ୍ଦ ଅଗସ୍ତି ଶର୍ମାଙ୍କ ଫାଇଲ୍ ଫଟୋ

ଧ୍ୟେୟଂ ସଦା ପରିଭବଘ୍ନମଭୀଷ୍ଟ ଦୋହଂ
ତୀର୍ଥାସ୍ପଦଂ ଶିବ ବିରଞ୍ଚିନୁତଂ ଶରଣ୍ୟମ୍ ।
ଭୃତ୍ୟାର୍ତ୍ତିହଂ ପ୍ରଣତ ପାଳ ଭବାବ୍ଧି ପୋତଂ
ବନ୍ଦେ ମହାପୁରୁଷ ତେ ଚରଣାରବିନ୍ଦମ୍ ।
(ଭା :୧୧/୫/୩୩)

"ହେ ପୁରୁଷୋତ୍ତମ ! ହେ ପ୍ରଭୋ ! ଯାହା ସର୍ବଦା ଧ୍ୟାନ କରିବା ଯୋଗ୍ୟ, ପରାଜୟ ନାଶକ, ସର୍ବ ମନୋରଥ ପୂରକ, ଯାହା ତୀର୍ଥମାନଙ୍କ ଆଧାର, ଯାହାକୁ ଶିବ ଓ ବ୍ରହ୍ମା ନତମସ୍ତକରେ ନମସ୍କାର କରନ୍ତି ଓ ଯାହା ଶରଣାଗତ ରକ୍ଷଣରେ ପ୍ରବୀଣ, ଯାହା ସେବକର ବିପଦନାଶକ, ପ୍ରଣତ ପ୍ରାଣୀର ରକ୍ଷକ ଏବଂ ସଂସାର-ସାଗରର ଜାହାଜସ୍ୱରୂପ, ମୁଁ ତୁମ୍ଭର ସେହି ଚରଣ-କମଳକୁ ବନ୍ଦନା କରୁଅଛି ।"

ଭଗବାନଙ୍କ ଶାସ୍ତ୍ରବର୍ଣ୍ଣିତ ରୂପ, ଭଗବାନଙ୍କ ନାମ, ଧାତୁ ଆଦିରେ ନିର୍ମିତ ଭଗବାନଙ୍କ ମୂର୍ତ୍ତି, ଚିତ୍ର ଅଥବା ମାନସିକ ମୂର୍ତ୍ତିକୁ କାୟ କିମ୍ବା ମନରେ ଶ୍ରଦ୍ଧାପୂର୍ବକ ସାଷ୍ଟାଙ୍ଗ ପ୍ରଣାମ କରିବା କିମ୍ବା ସମସ୍ତ ଚରାଚର ପ୍ରାଣୀମାନଙ୍କୁ
ପରମାତ୍ମାଙ୍କ ସ୍ୱରୂପ ଜାଣି ଶ୍ରଦ୍ଧାପୂର୍ବକ ଶରୀର ଅଥବା ମନରେ ପ୍ରଣାମ କରିବା ଏବଂ ଏପରି କରୁଁ କରୁଁ ଭଗବତ୍-ପ୍ରେମରେ ମୁଗ୍‌ଧ ହେବାକୁ ବନ୍ଦନ ଭକ୍ତି କହନ୍ତି ।

ଭଗବାନଙ୍କ ମନ୍ଦିରକୁ ଯାଇ ଶଦ୍ଧା ଭକ୍ତି ପୂର୍ବକ ଭଗବାନଙ୍କ ପ୍ରତିମାକୁ ସାଷ୍ଟାଙ୍ଗ ପ୍ରଣାମ କରିବା, ନିଜ ନିଜ ଗୃହରେ ଭଗବାନଙ୍କ ପ୍ରତିମା ଅଥବା ଚିତ୍ରପଟକୁ, ଭଗବାନଙ୍କ ନାମକୁ, ଭଗବାନଙ୍କ ଚରଣ ଓ ପାଦୁକାମାନଙ୍କୁ, ଭଗବାନଙ୍କ ତତ୍ତ୍ୱ, ରହସ୍ୟ, ପ୍ରେମ, ପ୍ରଭାବ ଓ ମଧୁର ଲୀଳାମାନ ବର୍ଣ୍ଣିତ ଥିବା ସତ୍‌ଶାସ୍ତ୍ରମାନଙ୍କୁ ଏବଂ ସମଗ୍ର ଚରାଚର ଜୀବମାନଙ୍କୁ ଭଗବାନଙ୍କ ସ୍ୱରୂପ ଜାଣି କିମ୍ବା ସେମାନଙ୍କ ହୃଦୟରେ ଭଗବାନ ବିରାଜିତ ଜାଣି ବିନୟପୂର୍ବକ ଶ୍ରଦ୍ଧା ସହିତ ଗଦ୍‌ଗଦ୍ ଭାବରେ ପ୍ରଣାମ କରିବା ବନ୍ଦନ ଭକ୍ତିର ପ୍ରକାର ଅଟେ । ଶ୍ରୀମଦ୍ଭାଗବତରେ ଯୋଗୀଶ୍ୱର କବି କହିଅଛନ୍ତି-

ଖଂ ବାୟୁମଗ୍ନିଂ ସଲିଳଂ ମହୀଂ ଚ
ଜ୍ୟୋତୀଂଷି ସତ୍ତ୍ୱାନି ଦିଶୋ ଦ୍ରୁମାଦୀନ୍
ସରିତ୍ ସମୁଦ୍ରାଂଶ୍ଚ ହରେଃ ଶରୀରଂ
ଯତ୍କିଞ୍ଚ ଭୂତଂ ପ୍ରଣମେଦନନ୍ୟଃ ।
(୧୧/୨/୪୧)

"ଆକାଶ, ବାୟୁ, ଅଗ୍ନି, ଜଳ, ପୃଥିବୀ, ନକ୍ଷତ୍ର, ଦିଗ ଓ ବୃକ୍ଷଲତା ଆଦି ଏବଂ ନଦୀସମୂହ, ସମୁଦ୍ର ଓ ସମଗ୍ର ପ୍ରାଣୀ ଭଗବାନଙ୍କ ଶରୀର, ଅତଏବ ଭଗବାନଙ୍କ ଅନନ୍ୟ ଭକ୍ତ ସମଗ୍ର ଜଗତକୁ ଭଗବତ୍ ଜ୍ଞାନରେ ପ୍ରଣାମ କରିବ ।"

ଭଗବାନ ସର୍ବତ୍ର ଓ ସର୍ବ ଦିଗରେ ଅଛନ୍ତି ଜାଣି ତାଙ୍କୁ କିପରି ପ୍ରଣାମ କରିବା ଉଚିତ, ତତ୍‌ସମ୍ବନ୍ଧେ ଅର୍ଜ୍ଜୁନଙ୍କ ଦୃଷ୍ଟାନ୍ତ ବଡ଼ ସୁନ୍ଦର । ଅର୍ଜ୍ଜୁନ ଭଗବାନଙ୍କୁ ନମସ୍କାର କରି କହିଛନ୍ତି-

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋସ୍ତୁତେ ସର୍ବତ୍ର ଏବ ସର୍ବ
ଅନନ୍ତ ବୀର୍ଯ୍ୟାମିତ ବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ।
(୧୧/୪୦)

"ହେ ଅନନ୍ତ ସାମର୍ଥ୍ୟଶାଳିନ୍ ! ତୁମ୍ଭର ସମ୍ମୁଖରେ ଓ ପଶ୍ଚାଦଭାଗରେ ନମସ୍କାର କରୁଅଛି । ହେ ସର୍ବାତ୍ମନ୍ ! ତୁମ୍ଭଙ୍କୁ ସବୁ ଦିଗରୁ ନମସ୍କାର; କାରଣ ଅନନ୍ତ ସାମର୍ଥ୍ୟଶାଳୀ ତୁମ୍ଭେ ସଂସାରକୁ ବ୍ୟାପୀ ରହିଅଛ । ଏଣୁ ତୁମ୍ଭେ କେବଳ ସର୍ବରୂପ ଅଟ ।"

ମହାତ୍ମା ତୁଳସୀ ଦାସ ସମଗ୍ର ଜଗତକୁ 'ସୀତା-ରାମମୟ' ଜାଣି ପ୍ରଣାମ କରି କହିଛନ୍ତି –

"ସୀୟ-ରାମମୟ ସବ ଜଗ ଜାନୀ,
କରଉଁ ପ୍ରନାମ ଜୋରି ଜୁଗ ପାନୀ ।"

ଭଗବାନଙ୍କଠାରେ ଅନନ୍ୟପ୍ରେମ ଜନ୍ମାଇ ତାଙ୍କୁ ଲାଭ କରିବା ଏହି ଭକ୍ତିର ଉଦ୍ଦେଶ୍ୟ ଅଟେ ।

ଭଗବାନଙ୍କ ପ୍ରିୟ ଭଗବତ୍-ପ୍ରେମିକମାନଙ୍କ ସଙ୍ଗ ଓ ସେବା କରି ସେମାନଙ୍କଠାରେ ଭଗବାନଙ୍କ ଶ୍ରଦ୍ଧା, ପ୍ରେମ, ରହସ୍ୟ ଓ ତତ୍ତ୍ୱର ମର୍ମ ବୁଝିବା ଦ୍ୱାରା ଏହି ବନ୍ଦନ ଭକ୍ତି ପ୍ରାପ୍ତ ହୁଏ ।

ଭଗବାନଙ୍କ ରହସ୍ୟ ବୁଝି ତାଙ୍କୁ ପ୍ରଣାମ କରିବା ବ୍ୟକ୍ତି ସମଗ୍ର ଦୁଃଖରୁ ମୁକ୍ତ ହୁଏ । ଅନୁସ୍ମୃତିର ବାକ୍ୟ ଅଛି –

ନ ବାସୁଦେବାତ୍ ପରମସ୍ତି ମଙ୍ଗଳଂ
ନ ବାସୁଦେବାତ୍ ପରମସ୍ତି ପାବନମ୍ ।
ନ ବାସୁଦେବାତ୍ ପରମସ୍ତି ଦୈବତଂ
ତଂ ବାସୁଦେବଂ ପ୍ରଣମନ୍ନସୀଦତି ।

"ଭଗବାନ ବାସୁଦେବଙ୍କଠାରୁ ଅଧିକ ମଙ୍ଗଳମୟ ଅନ୍ୟ କିଛି ନାହିଁ, ବାସୁଦେବଙ୍କ ଅପେକ୍ଷା ଅଧିକ ପବିତ୍ର ଅନ୍ୟ କିଛି ନାହିଁ ଏବଂ ବାସୁଦେବଙ୍କଠାରୁ ଶ୍ରେଷ୍ଠ ଅନ୍ୟ କୌଣସି ଆରାଧ୍ୟା ଦେବତା ନାହାନ୍ତି । ସେହି ବାସୁଦେବଙ୍କଠାରେ ପ୍ରଣତ ପ୍ରାଣୀ କେବେ ଦୁଃଖଭାଗୀ ହୁଏନାହିଁ ।"

ଶ୍ରଦ୍ଧା ଓ ପ୍ରେମପୂର୍ବକ ଭଗବାନଙ୍କୁ କେବଳ ପ୍ରଣାମ କରିବା ଦ୍ୱାରା ମଧ୍ୟ ମନୁଷ୍ୟ ସର୍ବ ପାପମୁକ୍ତ ହୋଇ ପରମପଦ ପ୍ରାପ୍ତ ହୋଇଥାଏ ।

ଏକୋଽପି କୃଷ୍ଣସ୍ୟ କୃତଃ ପ୍ରଣାମୋ
ଦଶାଶ୍ୱମେଧାବଭୃଥେନ ତୁଲ୍ୟଃ
ଦଶାଶ୍ୱମେଧୀ ପୁନରେତି ଜନ୍ମ
କୃଷ୍ଣପ୍ରଣାମୀ ନ ପୁନର୍ଭବାୟ । (ଭୀ.ସ୍ତ.୯୧)

"ଭଗବାନ ଶ୍ରୀକୃଷ୍ଣଙ୍କୁ ଥରେ ପ୍ରଣାମ ମଧ୍ୟ ଦଶ ଅଶ୍ୱମେଧ ଯଜ୍ଞର ଅବ୍‌ଭୃତ ସ୍ନାନର ଫଳ ମିଳେ । (କେବଳ ଏତିକି ନୁହେଁ) ଦଶ ଅଶ୍ୱମେଧ ଯଜ୍ଞକାରୀର ପୁନର୍ଜନ୍ମ ଅଛି; କିନ୍ତୁ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରଣତ ପ୍ରାଣୀର ପୁନର୍ଜନ୍ମ ନାହିଁ ।"

ଯେ ଶ୍ରଦ୍ଧାପୂର୍ବକ ଭଗବାନଙ୍କୁ ପ୍ରଣାମ କରେ, ତାହାର କଥା କଣ, ଯେ କୌଣସି ଅବସ୍ଥାରେ ମଧ୍ୟ ଭଗବାନଙ୍କୁ ପ୍ରଣାମ କଲେ ସର୍ବପାପ ବିନଷ୍ଟ ହୁଏ ।

ପତିତଃ ସ୍ଖଳିତଶ୍ଚାର୍ତ୍ତଃ କ୍ଷୁତ୍ତ୍ୱା ବା ବିବଶୋବ୍ରୁବନ୍
ହରୟେ ନମ ଇତ୍ୟୁଚ୍ଚୈର୍ମୁଚ୍ୟତେ ସର୍ବପାତକାତ୍ ।
(ଭା.୧୨/୧୨/୪୬)

"କେହି ପତିତ, ସ୍ଖଳିତ, ଆର୍ତ୍ତ ଛିଙ୍କିବା ବେଳେ ଅଥବା କୌଣସି ପ୍ରକାରେ ଅବଶ ହୋଇ ମଧ୍ୟ ଯଦି ଉଚ୍ଚୈଃସ୍ୱରରେ 'ହରୟେ ନମଃ' ଉଚ୍ଚାରଣ କରେ, ତେବେ ସେ ସର୍ବ ପାପରୁ ମୁକ୍ତ ହୁଏ ।"

ଏହି ରୂପେ ଭଗବାନଙ୍କର ଅନେକ ଭକ୍ତ କେବଳ ପ୍ରଣାମ କରି ପରମପଦ ପ୍ରାପ୍ତ ହୋଇଅଛନ୍ତି; ମାତ୍ର ଏମାନଙ୍କ ନମସ୍କାର ବଡ଼ ଅସାଧାରଣ । ଦେଖନ୍ତୁ, ଅକ୍ରୁର କିପରି ମୁଗ୍‌ଧ ହୋଇ ନମସ୍କାର କରୁଅଛନ୍ତି-

ରଥାତ୍ତୂର୍ଣ୍ଣମବପ୍ଳୁତ୍ୟ ସୋଽକ୍ରୂରଃ ସ୍ନେହବିହ୍ୱଳଃ
ପପାତ ଚରଣୋପାନ୍ତେ ଦଣ୍ଡବଦ୍ରାମକୃଷ୍ଣୟୋଃ ।
(ଭା.୧୦/୩୮/୩୪)

"ଅକ୍ରୂର ପ୍ରେମ-ବିହ୍ୱଳ ହୋଇ ଅତି ଚଂଚଳ ରଥରୁ ଡେଇଁ ପଡ଼ି ଭଗବାନ ବଳରାମ ଓ ଶ୍ରୀକୃଷ୍ଣଙ୍କ ଚରଣ ନିକଟରେ ଦଣ୍ଡ ପ୍ରାପ୍ତ ପଡ଼ିଗଲେ ।"

ପିତାମହ ଭୀଷ୍ମ ଗଦଗଦ ହୋଇ ଭଗବାନଙ୍କୁ ନମସ୍କାର କରିଅଛନ୍ତି ଏବଂ ଭଗବାନ ତତ୍‌କ୍ଷଣାତ୍ ତାଙ୍କୁ ନିଜ ନିଜ ଦିବ୍ୟ ଜ୍ଞାନ ପ୍ରଦାନ କରିଅଛନ୍ତି । ବୈଶମ୍ପାୟନ ମୁନି କହିଅଛନ୍ତି ।

ଏତାବଦୁକ୍ତ୍ୱା ବଚନଂ ଭୀଷ୍ମସ୍ତଦ୍ଗତମାନସଃ
ନମ ଇତ୍ୟେବ କୃଷ୍ଣାୟ ପ୍ରଣାମମକରୋତ୍ତଦା ।
ଅଭିଗମ୍ୟ ତୁ ଯୋଗେନ ଭକ୍ତିଂ ଭୀଷ୍ମସ୍ୟ ମାଧବଃ
ତୈଲୋକ୍ୟଦର୍ଶନଂ ଜ୍ଞାନଂ ଦିବ୍ୟଂ ଦତ୍ତ୍ୱା ଯଯୌ ହରିଃ ।
(ଭୀ:ସ୍ତ:୧୦୦/୧୦୧)

"ଭଗବତ୍ ଅର୍ପିତ ଚିତ୍ତ ଭୀଷ୍ମ ନାନା ପ୍ରକାରେ ଭଗବାନଙ୍କୁ ସ୍ତୁତି କଲା ପରେ "ନମଃ କୃଷ୍ଣାୟ" ଏତିକି କହି ଭଗବାନଙ୍କୁ ପ୍ରଣାମ କଲେ । ତହୁଁ ଭଗବାନ ଶ୍ରୀକୃଷ୍ଣ ଯୋଗ ବଳରେ ଭୀଷ୍ମଙ୍କ ଭକ୍ତିକୁ ହୃଦୟଙ୍ଗମ କରି ତାଙ୍କୁ ତ୍ରିଲୋକ (ଭଗବତ୍ ରୂପରେ) ପ୍ରତ୍ୟକ୍ଷଦର୍ଶୀ ଦିବ୍ୟଜ୍ଞାନ ଦେଇ ସେଠାରୁ ଅନ୍ତର ହେଲେ ।"

ଅତଏବ ଭଗବତ୍-ପ୍ରେମରେ ବିଭୋର ହୋଇ ଉପର୍ଯୁକ୍ତ ମତେ ଭଗବାନଙ୍କ ବନ୍ଦନ ଭକ୍ତି କରିବାକୁ ପ୍ରାଣପଣେ ଚେଷ୍ଟା କରିବା ଉଚିତ ।

# ହଜିବା ଦିନ

ରବି କାନୁନ୍‌ଗୋ

ଆଗେ ଆମେ ବହୁତ ଭଲରେ ଥିଲୁ । ଗୁପ୍‌ଚୁପ୍ ମିଳୁଥିଲା ଅଣାକୁ ପାଞ୍ଚ । ସବୁ ଥିଲା ଖାଣ୍ଟି । ଲୋକେ ମିଛ କହିବାକୁ ଡରୁଥିଲେ । ପାଠୁଆଙ୍କ ସଂଖ୍ୟା କମ୍ ଥିଲା ସତ, ହେଲେ ପାଠ ଥିଲା – ଏକ୍ସଲେଣ୍ଟ୍ । ଶିକ୍ଷକମାନେ ଥିଲେ ଦେବୋପମ । ଛଳନା, ବ୍ୟଭିଚାର ବା ଦୁର୍ନୀତି ଚଟ୍‌କରି ଧରା ପଡ଼ି ଯାଉଥିଲା । ଦୁରାଚାରୀ ପାପୀମାନେ କମ୍‌ସେ କମ୍ ଈଶ୍ୱରଙ୍କୁ ଡରୁଥିଲେ । ଏ ତୁଳନାର ତାଲିକା ଅସରନ୍ତି । କି ଥିଲା ଏ ରାଜ୍ୟ, କି ହୋଇଛି ଆଜ ! ପାପ ପୁଣ୍ୟ ବା ସ୍ୱର୍ଗ ନର୍କର ଭୟ କି ବିଚାର ବି ରହୁନି । କଳି ଏମିତି ଗ୍ରାସିଛି ଯେ ଲୋକେ ମା'କୁ ମାଇପ କହିବାକୁ ବି ଡରୁ ନାହାଁନ୍ତି ।

ଜଣେ ବାବୁ ପଚାରିଲେ, "ଭ୍ରଷ୍ଟାଚାର ସତରେ ଏମିତି ହଉଚି ନା ମିଡିଆ ତିଳକୁ ତାଳ ପରି ହୁରି କରୁଚି ?"

ଯଦି ସାମାଜିକ ଅବକ୍ଷୟ ସତ, ତା'ହେଲେ ମହାଶୟଙ୍କ ଅଭିଯୋଗ ଏକଦମ୍ ଠିକ୍ । କାଳ କେବେ ବି କୀଳାଟିଏ ପୋତି ତା ପାଖରେ ଅଟକି ପାରେନା ବା ସାଙ୍ଗରେ କାହାରିକୁ ଅଟକାଇ ପାରେନା । କିନ୍ତୁ ତହିଁର କିଛି ସ୍ମୃତି ଆମ ପାଖରେ ରହିଯାଏ ବୋଲି ଆମେ ଛଟପଟ ହେଉ । ସ୍ମୃତି ହେଉଛି ଅଚଳ ଅଧୁଲି ପରି । ତାକୁ ଯାଚିଲେ ସେ ଯୁଗର ସଉଦା ଏ ଯୁଗରେ ମିଳେ ନାହିଁ ।

ଆମେ ଶୂନ୍ୟତାକୁ ପଚାରି ଚାଲିଛୁ, "ଏକଥା କେମିତି ହେଲା ?"

ପ୍ରତିଧ୍ୱନୀ ଶୁଭୁଛି – ଗଣତନ୍ତ୍ର ତ ତୋ ହାତରେ । ୟା'ର ଉତ୍ତର ତୁ କହ ! ସମାଜକୁ ନେଇ ଶାସନ ପାଖରେ ବନ୍ଧା ପକେଇଲା କିଏ – ୟା'ର ଉତ୍ତର ତୁ ଦେ' ! ଶାସନ ଓ ସମାଜ ଦୂରଛଡ଼ା ହୋଇ ରହି ପାରି ନଥା'ନ୍ତା କି ? ନ ଥିଲା କି ?

ଏ ସଂପର୍କରେ କେତେ ଦାର୍ଶନିକ କେତେ ବିଜ୍ଞ କଥା କହିଛନ୍ତି । ଏତେ ଭିତରକୁ ଯିବା ଦରକାର ନାହିଁ । ପରାଧୀନତା ଏବଂ ଯାବତ୍ ଶାସନିକ ଅବିଚାରର ଶୃଙ୍ଖଳ ଭିତରେ ରହି ସୁଦ୍ଧା ସମାଜରେ ମୁରବି ଅଭାବ ହୋଇ ନଥିଲେ । ସ୍ୱାଧୀନତା ପରେ ସେମାନେ ଉଭାନ ହୋଇଗଲେ କାହିଁକି ?

ଯାହା କରିବାକୁ କହି ଯାଇଛନ୍ତି ସେତିକି ମାତ୍ର ପ୍ରତିପାଦନ କରି ନ ପାରିଥିବା ନିର୍ବେଦମାନଙ୍କୁ ଆମେ ବେଦ-ସଭାକୁ ବରଣ କଲୁ । କାରଣ ସେମାନେ ଲୋକ-ପ୍ରତିନିଧି । ମାଲ୍ ଦେବେ ବା ଦିଆଇବେ । ବେଦ ଶୁଣିବାକୁ ଇଚ୍ଛା ନାହିଁ, ମାତ୍ର ସଭା ଦେଖିବାକୁ ହୁକୁହୁକୁ ହେଲୁ । ସେମାନେ ସେଠି ଯାହା କହିଲେ ତାକୁ ବେଦ ବୋଲି ଭାବିଲୁ । ଏ ଅବସ୍ଥା ସହିତ ମୁକାବିଲା କରି ନପାରି ମୁରବିମାନେ ମୂର୍ଖ ହେବାକୁ ପସନ୍ଦ କରିଥିବେ ।
ସମାଜରେ କ୍ଷୟର ଗତିଧାରା ନଈ ଅତଡ଼ା ଭୁଶୁଡ଼ିବା ପରି । ସାପ ଚୁଚୁନ୍ଦ୍ରାଙ୍କୁ ଦୟା କରେନି । ପହଁରି କୂଳ ଛୁଇଁବାକୁ ଯିଏ ଅକ୍ଷମ, ତା ମରଣ ଥୟ । ସମାଜ ଆଗକୁ ଯିବା କଥା, ଯିବ । ଭଲ ମନ୍ଦ ଯାହା ପାଇଥିବ, ସବୁକୁ ଠୁଳେଇ । ଏହା ଅସହାୟତା ନୁହେଁ – ଅନିବାର୍ଯ୍ୟ ।

ପ୍ରାକ୍-ସ୍ୱାଧୀନତା କାଳର ମୁଖ୍ୟ ବୃତ୍ତି ଥିଲା କୃଷି, ବାଣିଜ୍ୟ ଏବଂ କୌଳିକ କାରିଗରୀ । ସେଗୁଡ଼ିକ ଏକାନ୍ନବର୍ତ୍ତୀ ଯୌଥ-ପରିବାରକୁ ଭିଡ଼ି ରଖି ପାରୁଥିଲେ । ଚାକିରି ସେମିତି କରି ପାରିଲା ନାହିଁ । ବ୍ୟାଙ୍କ୍ ବହି ଅଲଗା ହେଲା । ଧର୍ମ ସାତ୍ତ୍ୱିକତା ହରାଇ ସନ୍ତ୍ରାନ୍ତ ହୋଇଛି । ଆଗେ ମାସ ମାସ ଅଧିଆ ପଡ଼ିଲେ ହୁକୁମ ମିଳୁ ନଥିଲା । ଏବେ ଫୋନ୍ କଲେ ସ୍ୱୟଂ ଶିବ-ପାର୍ବତୀ ହାଜର । 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା' । ଜୀବନର ସକଳ ସମୃଦ୍ଧି ପାଇଁ ବିବାହ ସଂପନ୍ନ ହେଉଥିଲା । ସୁଖ ଥିଲା । ଡର ବି ଥିଲା । ଏବେ ସେଥିରେ ମିଶି ଯାଇଛି ଡାଇଭର୍ସ ଓ ଫ୍ୟାମିଲି କୋର୍ଟ । ପରକୀୟା ନିନ୍ଦିତ ଥିଲା । ପବ୍ ବାର୍, କଲ୍‌ଗାର୍ଲ ସେଲିବ୍ରିଟି ଷ୍ଟାଟସ୍ ହାସଲ କରିଛନ୍ତି । ଆଗେ ସମାଜ ସାମଗ୍ରିକ ଥିଲା । ଏବେ ଏକକ ହୋଇ ଯାଇଛି । ସାତ ଗାଁ ଦୂର ଲୋକକୁ ଚିହ୍ନିବା ସମ୍ଭବ ହେଉଥିଲା । ଏବେ ଏକା ଆପାର୍ଟମେଣ୍ଟର ପଡ଼ୋଶୀ କିଏ, ଜାଣିବା ଦରକାର ହେଉନି । ପୂର୍ବର ମୂଲ୍ୟବୋଧ ଥିଲା – କୁବେର ଏବଂ କୃପଣ । ଇଦାନୀଂ ଅଭ୍ୟାସ ହୋଇଛି – କଞ୍ଜୁମେରିଜିମ୍ ଓ କ୍ରେଡିଟ୍ କାର୍ଡ । ପ୍ରଳାପ କରିବା ଦରକାର ନାହିଁ, ଏ ଦୁର୍ଦ୍ଦାନ୍ତ ବ୍ୟବଧାନ ଆମ ବିନା ସହଯୋଗରେ ଆସି ନଥିବ ।

ସେତେବେଳେ ଲୋକେ ଧାର୍ମିକ ଓ ନିର୍ଲୋଭ ଥିଲେ ଏବଂ ଏବେ ଧର୍ମଛଡ଼ା ଓ ଲୋଭୀ ହେଇଗଲେ, ଏମିତି ଭାବିବା ଅତି ସହଜିଆ ବିଶ୍ୱାସ । ତେଣୁ ମିଡିଆ ତିଳକୁ ତାଳ କରୁ । କିଛି ଚିନ୍ତା ନାହିଁ । ଯେଉଁ ଚଢ଼େଇ ଉଡ଼ି ଯାଇଛି ତାକୁ ଆଉ କେହି ପାଇବେ ନାହିଁ । ଏବେ ହୀରକ ଚଢ଼େଇଟିଏ ଉଡ଼ିବାକୁ ଆରମ୍ଭ କରୁ, କ୍ଷତି କ'ଣ ? ନିଜ ପୁଟ ଦେଇ ତାକୁ ନିଜର କରାଯାଉ ।

ମୋବାଇଲ୍ ନଂ. : ୯୪୩୭୧୯୪୬୦୦

## ଗୋଛା କଟା ପରେ ପୋଡ଼ିବାକୁ ଆସିଛି ନିର୍ଦ୍ଦେଶ : କେନ୍ଦୁପତ୍ର ବିଭାଗର ବେପରୁଆ ନୀତି ଯୋଗୁଁ ହୁ ହୁ ହୋଇ ଜଳି ନଷ୍ଟ ହେଉଛି ଜଙ୍ଗଲ ସହ ବହୁ ମୂଲ୍ୟବାନ ବନଜାତ ସଂପଦ, ସାଧାରଣରେ ଅଭିଯୋଗ

ବଲାଙ୍ଗିର / ଦେଓଗାଁ, (ନିପ୍ର) : ସବୁଜ ହୀରା ବା କେନ୍ଦୁପତ୍ର ସଂଗ୍ରହ ପାଇଁ ଏବେ ଗୋଛା କଟା ଚାଲୁଛି । ହେଲେ ବିଭାଗର ବେପରୁଆ ନୀତି ଯୋଗୁଁ ଜଙ୍ଗଲରେ ନିଆଁ ଲାଗି ନଷ୍ଟ ହେଉଛି ଜଙ୍ଗଲ । ଗୋଛା କାଟିବା ପରେ ସବୁ ଗଛକୁ ପୋଡ଼ି ଦିଆଯାଉଛି । ଫଳରେ ନିଆଁ ନିୟନ୍ତ୍ରଣ ବାହାରକୁ ଯାଇ ଜଙ୍ଗଲକୁ ବ୍ୟାପୁଛି । ବେଫିକର ଭାବେ କେନ୍ଦୁପତ୍ର ବିଭାଗ ଗୋଛା କାଟି ପୋଡ଼ି ଚାଲୁଥିବା ବେଳେ ନିଆଁ ଲିଭାରେ ନାକେଦମ ହେଉଛି ବନ ବିଭାଗ । କେନ୍ଦୁପତ୍ର ସଂଗ୍ରହ ପାଇଁ ଚାରିଆଡେ ଏବେ ଚାଲିଛି ଗୋଛାକଟା । ଏହି କେନ୍ଦୁ ଗୋଛାଗୁଡ଼ିକ କାଟି ସାରିଲା ପରେ ପୋଡ଼ି ଦେବାର ଅଲିଖିତ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦୁପତ୍ର ବିଭାଗର ଡିଏଫ୍‌ଓ, ଏ କଥା ଆମେ କୁହୁନୁ, ଖୋଦ୍ କେନ୍ଦୁପତ୍ର ବିଭାଗର କର୍ମଚାରୀମାନେ କହି ବୁଲୁଛନ୍ତି । ଡିଏଫ୍‌ଓ ଗୋଛା ପୋଡ଼ିବାକୁ କହୁଥିବା ବେଳେ ତାର ଓଲଟା କାର୍ଯ୍ୟ କରୁଛନ୍ତି ବିଭାଗୀୟ କର୍ମଚାରୀମାନେ । ଏପରିକି ଯେଉଁଠି ଗୋଛା କଟା ହେଉଛି ସେହି ସ୍ଥାନରେ ହିଁ ନିଆଁ ଲଗାଇ ଚାଲି ଯାଉଛନ୍ତି ମୁନସୀମାନେ ନିଆଁକୁ । ଆୟତ୍ତ କରି ପାରୁ ନଥିବାରୁ ଜଙ୍ଗଲ ଯୋଡ଼ି ଯାଉଛି ବୋଲି ଜଣେ ଚେକର୍ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଦେଓଗାଁ ମେଣ୍ଢା ଫାର୍ମ ଜଙ୍ଗଲର ଚାରିପାଖରେ ହାତୀସରା, ସାରସବାଜାଇ, ନାଇକେନସିରା, ବହଲି କେନ୍ଦୁପତ୍ର ଫଡ଼ି ଅଂଚଳରେ ଗୋଛା ଜାଗ ହୋଇଛି । ଗତ ୫ଦିନ ଭିତରେ ଭାଟି ରାସ୍ତା, ଢାବା ପଛପଟ, ନାଇକେସିରା, ଫ୍ରାଏଆସ୍ ଇଟା ଫେକ୍ଟ୍ରି ନିକଟରେ ଗୋଚ୍ଛାକଟା ହୋଇଥିଲା । କିନ୍ତୁ, ଏଠାରେ ଗୋଟିଏ ପରେ ଗୋଟିଏ ରାସ୍ତାରେ ନିଆଁ ଲାଗୁଛି । ଯେଉଁ କ୍ରମରେ ଗୋଛା କାଟିଛନ୍ତି ସେହି କ୍ରମରେ ନିଆଁ ବ୍ୟାପୁଥିବା ଦେଖିବାକୁ ମିଳୁଛି । ଦେଓଗାଁରେ ପାଖରେ ଥିଲେ ବି ସଇଁନ୍ ?ତଲା ରେଞ୍ଜର୍ ଜଙ୍ଗଲ ହୋଇଥିବାରୁ ନିଆଁ ଲିଭାଇବା ପାଇଁ କେହି ଆଗ୍ରହ ପ୍ରକାଶ କରୁନାହାଁନ୍ତି । ହେଲେ ଲୋକଙ୍କ ଧନ ଜୀବନ ରକ୍ଷା ପାଇଁ ନିଯୁକ୍ତ ଅଗ୍ନିଶମ ବାହିନୀ ଏହି ଜଙ୍ଗଲ ନିଆଁ ଲିଭାଇବାରେ ବ୍ୟସ୍ତ ରହୁଛନ୍ତି ।

ଏପରିକି ଗତ ବୁଧବାର ୪ଟି ସ୍ଥାନରେ ଲାଗିଥିବା ନିଆଁକୁ ଅଗ୍ନିଶମ ବିଭାଗ ଆୟତ୍ତ କରିଥିବାରୁ ବନ ବିଭାଗର ସ୍କ୍ୱାର୍ଡ କେଉଁ କାମକୁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି ।

## ଜଙ୍ଗଲରେ ବ୍ୟାପୁଛି ନିଆଁ : ଜଂଗଲ ବିଭାଗର ଦୃଷ୍ଟି ପଡୁ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସହରର ଅତି ନିକଟରେ ଥିବା ସମସ୍ତ ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି । ସଦେଇପାଲି ହାତୀପାହାଡ଼, ପଥରଚେପା ଶୁଳିଆ ପାହାଡ, ମଠଖାଇ, ବିଜାଖମନ୍ ଜଙ୍ଗଲରେ ନିଆଁ ବ୍ୟାପି ଅତି ମୂଲ୍ୟବାନ ଗଛ ନଷ୍ଟ ହେବା ସହିତ ନୀରିହ ବନ୍ୟଜନ୍ତୁଙ୍କର ପ୍ରାଣହାନୀ ଘଟୁଥିବା ସାଧାରଣରେ ଆଲୋଚନା ହେଉଛି । ଏଥିଯୋଗୁଁ ବଲାଙ୍ଗିର ସହରର ତାପମାତ୍ରା ବୃଦ୍ଧି ସହିତ ବାୟୁ ପ୍ରଦୂଷଣ ହେଉଥିବାରୁ ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି । ତେବେ ଜଂଗଲରେ ବ୍ୟାପିଥିବା ନିଆଁକୁ ଆୟତ୍ତ କରିବାକୁ ଦାବୀ ହେଉଛି ।

## କଳାମଣ୍ଡଳ ପଡିଆରେ ଆଂଚ଼ଳିକ କଳିଙ୍ଗ ହର୍ବାଲ ମେଳା ଉଦଘାଟିତ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ କଳାମଣ୍ଡଳ ପଡିଆ ଠାରେ ଆଂଚ଼ଳିକ କଳିଙ୍ଗ ହର୍ବାଲ ମେଳା ଉଦଘାଟିତ ହୋଇଯାଇଛି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ୫ ଦିନ କାଳ ହେବାକୁ ଥିବା ଏହି ମେଳାରେ ବଲାଙ୍ଗିର ଓ ଆଖପାଖ ଅଂଚଳର ବିଭୀନ୍ନ ବୈଦ୍ୟ ଯୋଗଦାନ କରି ବିଭିନ୍ନ ରୋଗର ଉପସମ ପାଇଁ ଆୟୁର୍ବେଦିକ ତଥା ପାରମ୍ପାରିକ ଔଷଧ ବିକ୍ରୟ ତଥା ଏହାର ଉପେଯାଗ ବିଧି ସମ୍ପର୍କରେ ଦର୍ଶକଙ୍କୁ ଜ୍ଞାନପ୍ରଦାନ କରିବେ । ରାଜ୍ୟ ଫରେଷ୍ଟ ଓ ଏନଭାରମେନ୍ଟ ବିଭାଗ ଓ ବଲାଙ୍ଗିର ବନଖଣ୍ଡ ଅନୁକୁଲ୍ୟରେ ଆୟୋଜିତ ଏହି ମେଳାକୁ ଆଜି ସଂନ୍ଧ୍ୟାରେ ବଲାଙ୍ଗିର ବନଖଣ୍ଡ ଅଧିକାରୀ ସମୀର ଶତପଥି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦଘାଟନ କରିଥିଲେ । ବାଲାଙ୍ଗିର ଆୟୁର୍ବ ?ଦିକ କଲେଜର ଉପାଧକ୍ଷ୍ୟ ଡା. ପଣ୍ଡା, ଏସିଏଫ ଅଜିତ ବିଶି, ଗନ୍ଧମାର୍ଦ୍ଧନ ସମିତିର ସଭାପତି ବିଭୂତି ଭୂଷଣ ସାହୁ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ପରେ ପରେ ବିଭୀନ୍ନ ଅନୁଷ୍ଠାନ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଥିଲା । ପ୍ରଥମ ଦିନରେ ୩୦ ରୁ ଅଧିକ ଷ୍ଟଲ ଖୋଲାଯାଇଥିବା ବେଳେ ବନଖଣ୍ଡ କର୍ମଚାରୀମାନଙ୍କ ସହିତ ଶତାଧିକ ଲୋକଙ୍କ ଜନ ସମାଗମ ଦେଖିବାକୁ ମିଳିଥିଲା । ଦୀର୍ଘ ନଅ ବର୍ଷ ପରେ ଆମ ସହର ବଲାଙ୍ଗିରରେ ଏହି ମେଳା ପୁଣୀ ଆରମ୍ଭ ହୋଇଛି । ଯେଉଁ ଥିରେ ଅନେକ ଗୁଣୀ ବଇଦ ଭାଗ ନେଇଛନ୍ତି । ସେମାନଙ୍କ ଜ୍ଞାନ କୌଶଳ ଜନସାଧାରଣଙ୍କ ପାଇଁ ନିଶ୍ଚୟ ଲାଭପ୍ରଦ ହେବା ସହିତ ଅଂଚଳରେ ପାମ୍ପାରିକ ଔଷଧ ଏହାର ଉପକାରିତା ଲୋକେ ବେସ ଅନୁଭବ କରିପାରିବେ । ଆହୁରି ବଇଦମାନେ ତାଙ୍କର ଜ୍ଞାନ କୌଶଳ ଲୋକଙ୍କୁ ଦେବା ସହିତ ଲୋକେ ମଧ ବିଭିନ୍ନ ରୋଗରେ ପାରମ୍ପାରିକ ଔଷଧର ଭୂମିକା ବୁଝି ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ଶ୍ରୀ ଶତପଥି ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି । ଏହି ମେଳା ବୈଦ୍ୟମାନଙ୍କ ଆହୁରି ଅଭିଜ୍ଞ କରି ଗଢ଼ି ତୋଳିବାରେ ବିଶେଷ ସହାୟକ ହୋଇ ପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି । ତେବେ ଆଗାମୀ ଦିନରେ ଏଭଳି ଆହୁରି କାର୍ଯ୍ୟକ୍ରମ ହାତକୁ ନିଆଯିବା ଦରକାର ବୋଲି ମଧ୍ୟ ମତପ୍ରକାଶ ପାଇଛି ।






Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu